READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୫ ୧୪ - ୨୦ ଫେବୃଆରୀ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-5 14th - 20th FEBRUARY, 2022 BHUBANESWAR ₹ 5/- (8 Pages)

### ଓଡ଼ିଶା ବିଧାନ ପରିଷଦ ଗଠନ ନେଇ ବାଚସ୍ପତିଙ୍କ ସ୍ପଷ୍ଟୀକରଣ

# କହିଲେ କେନ୍ଦ୍ରକୁ ପ୍ରସ୍ତାବ ଯାଇଛି



**ଭୁବନେଶ୍ୱର :** କନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ରାଜ୍ୟସଭାରେ ସାଂସଦ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ଓଡ଼ିଶାରେ ବିଧାନ ପରିଷଦ ଗଠନ ନେଇ ରାଜ୍ୟ ସରକାରଙ୍କଠାରୁ କୌଣସି ପ୍ରସ୍ତାବ ପାଇ ନଥିବା ଜଣାଇଥିଲେ। ଏହାକୁ ନେଇ ରାଜ୍ୟରେ ନୂଆ ବିବାଦ ସୃଷ୍ଟି ହୋଇଛି। ତେବେ କେନ୍ଦ୍ର ମନ୍ତ୍ରୀଙ୍କ ଏହି ଉତ୍ତର ରାଜ୍ୟ ସରକାର, ବିଧାନସଭା ଓ ଜନସାଧାରଣଙ୍କୁ ସ୍ତମ୍ଭିଭୂତ କରିଛି କରିଛି ବୋଲି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଗଣମାଧ୍ୟମକୁ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେଇ ବାଚସ୍ପତି ଡ. ପାତ୍ର କହିଛନ୍ତି ଯେ ୨୦୧୫ ମସିହାରେ ଡା. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚଜଣିଆ କମିଟି ଗଠନ କରାଯାଇଥିଲା । ସେଥିରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଭୂଜବଳ ମାଝୀ, ମନୋହର ରନ୍ଧାରୀ ଓ ନିତେଶ ଗଙ୍ଗଦେବ ପ୍ରମୁଖ ସଭ୍ୟ ଥିଲେ। ଏହି କମିଟି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ୍ ହାଉସରେ ତା'ର ପ୍ରଥମ ବୈଠକ କରିଥିଲା। ପରବର୍ତ୍ତୀ ସମୟରେ ୨୦୧୫ ଫେବୃଆରୀ ୨ ତାରିଖ, ସେହିବର୍ଷ ମଇ ୨୦ ତାରିଖ, ୨୦୧୮ ମସିହା ଜୁଲାଇ ୪ ତାରିଖ ଏବଂ ଜୁଲାଇ ୧୬ ତାରିଖରେ କମିଟି କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର ଓ ତେଲେଙ୍ଗାନା ରାଜ୍ୟ ଗସ୍ତ କରି ସେଠାରେ ଚାଲିଥିବା ବିଧାନ ପରିଷଦ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଏହି ରିପୋର୍ଟ ପାଇବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ୨୯.୦୮.୨୦୧୮ରିଖରେ ଓଡ଼ିଶାରେ ବିଧାନ ପରିଷଦ ଗଠନ କରିବା ନେଇ ଏକ ସଂକଳ୍ପ ବିଧାନସଭାକୁ ପଠାଇଥିଲେ । ସେହି ପ୍ରସ୍ତାବକୁ ୨୦୧୮ ମସିହା ସେପେଟମ୍ବର ୫ ତାରିଖରେ ସମସ୍ତ ବିଧାୟକ, ବିଧାୟିକାଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ପରେ ୦୬/ ୦୯/ ୨୦୧୮ରେ ଏହି ପ୍ରସ୍ତାବ ବିଧାନସଭାରେ ଆଲୋଚନା ହୋଇ ଭୋଟିଂ ହୋଇଥିଲା। ପ୍ରସ୍ତାବଟିକୁ ଦୁଇ ତୃତୀୟାଂଶରୁ ଅଧିକ ସଭ୍ୟସଭ୍ୟା ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ଧାରା ୧୬୯(୧) ଅନୁଯାୟୀ ଗ୍ରହଣ କରାଯାଇଥିଲା। ବିଧାନସଭାରେ ଥିବା ୧୪୭ ବିଧାୟକଙ୍କ ମଧ୍ୟରୁ ସମସ୍ତ ଦଳରୁ ୧୦୪ ଜଣ ବିଧାୟକ, ବିଧାୟିକା ଉପସ୍ଥିତ ରହି ସମସ୍ତେ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। କେହି ମଧ୍ୟ ବିପକ୍ଷରେ ଭୋଟ ଦେଇ ନଥିଲେ ଏବଂ ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ବିଧାନ ପରିଷଦ ଗଠନ ସକାଶେ ୧୮/୦୯/ ୨୦୧୮ ତାରିଖରେ ବିଧାନସଭାରେ ପାରିତ ପ୍ରସ୍ତାବର ନକଲ ସେକ୍ରେଟାରୀ ଜେନେରାଲ (ଲୋକସଭା) ଓ ସେକ୍ରେଟାରୀ ଜେନେରାଲ (ରାଜ୍ୟସଭା), କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ସଚିବ, ସଂସଦୀୟ ବ୍ୟାପାର ସଚିବ, ସଂସଦୀୟ ବ୍ୟାପାର କମିଶନର ନୂଆଦିଲ୍ଲୀ ଏବଂ ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ, କମିଶନର ତଥା ଶାସନ ସଚିବଙ୍କୁ ➤ ପୃ-୬

### ସ୍ପଷ୍ଟ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ

# କ୍ରିପ୍ଟୋକୁ ଦିଆଯାଇନି ଆଇନଗତ ମାନ୍ୟତା



**ନୂଆଦିଲ୍ଲୀ :** କ୍ରିପ୍ଟୋକରେନ୍ସିକୁ ଦେଶରେ ଆଇନଗତ ମାନ୍ୟତା ମିଳିନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣମ ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ କ୍ରିପ୍ଟୋ ଆୟ ଉପରେ ଟିକସ ଲଗାଇବାର କ୍ଷମତା ସରକାରଙ୍କ ପାଖରେ ରହିଛି। ଟିକସ ଲଗାଇବାର ଅର୍ଥ ନୁହେଁ ଏହାକୁ ଆଇନଗତ ମାନ୍ୟତା ମିଳିଗଲା। ବର୍ତ୍ତମାନ କ୍ରିପ୍ଟୋକୁ ନେଇ ବିଭିନ୍ନ ମତାମତ ଆଧାରରେ ଆଲୋଚନା ଜାରି ରହିଛି। ତା' ପରେ ଏହାକୁ ନିଷିଦ୍ଧ କରାଯିବ ନା ନାହିଁ ସେହି ନିଷ୍ପତ୍ତି ଗ୍ରହଣ କରାଯିବ। ବର୍ତ୍ତମାନ ଏହାର ଆଇନଗତ ବୈଧତା ଆକଳନ କରାଯାଇପାରିବ ନାହିଁ। ଏବିଷୟରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କ୍ରିପ୍ଟୋ ଆଇନଗତ ବୈଧ ନା ନାହିଁ ତାହା ସମ୍ପୂର୍ଣ୍ଣ ରୂପେ ଅଲଗା ପ୍ରଶ୍ନ। ଟିକସ ଲଗାଇବା ସହିତ ତାହାର କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି। ସଂସଦରେ କଂଗ୍ରେସ ସଦସ୍ୟ ଛାୟା ବର୍ମାଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଏହା କହିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ ➤ ପୃ-୬

# 'ୱିକେଟ୍ ନମିଳିଲେ ବୋଲରଙ୍କ ଅମ୍ପାୟର ଉପରେ ରାଗ'



**କାସଗଞ୍ଜ :** ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନରେ ଦ୍ୱିତୀୟ ରାଉଣ୍ଡ ଭୋଟିଂ ପୂର୍ବରୁ ପ୍ରଚାର ପାଇଁ କାସଗଞ୍ଜ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ପର୍ଯ୍ୟାୟରେ ବିଜେପିକୁ ବିପୁଳ ଭୋଟ୍ ମିଳିବ ବୋଲି କହିଛନ୍ତି। ସେ ବିରୋଧୀଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଏହି ଲୋକେ ଏବେଠୁ ଇଭିଏମ ଉପରେ ପ୍ରଶ୍ନ କରିବା ଆରମ୍ଭ କଲେଣି। କ୍ରିକେଟରେ ୱିକେଟ୍ ନମିଳିଲେ ଅମ୍ପାୟରଙ୍କ ଉପରେ ବୋଲର ରାଗିବାର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଇଭିଏମ ଉପରେ ପ୍ରଶ୍ନ ଉଠାଇବା ପାଇଁ ମାର୍ଚ୍ଚ ୧୦ ପରେ ବହୁତ ଦିନ ପଡିଛି। ଉଲ୍ଲେଖନୀୟ, କୈରାନାରେ ଗୁରୁବାର ରାତିରେ ଏକ ଗାଡିରେ ଇଭିଏମ ମିଳିବା ପରେ ସମାଜବାଦୀ ପାର୍ଟି ନିର୍ବାଚନ ଆୟୋଗଠାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡିଏମଙ୍କ କହିବା କଥା ➤ ପୃ-୬

## ବକ୍ରବାଣୀ



ଭୋଅଟ ଆଇଲେ କଅଣ ହୁଏ
ମଦ ମାଉଁସରେ ଭୋଟର ଶୁଏ
ନେତାଏ ଆସନ୍ତି ମନ ଭୁଲାନ୍ତି
ଭୋଟ ଜିଣିବାକୁ ଗପ ଶୁଣାନ୍ତି
ପାକ୍ ଚାଇନା ଗାନ୍ଧୀ ନେହେରୁ
ଜାତିଆଣ ଖେଳ କରନ୍ତି ସୁରୁ
ମାଗଣା ଯୋଜନା କାଳିଆ ପିଠା
ଗୋଟାକ ପଛକୁ ଗୋଟାଏ ଚିଠା
ମାଗଣାଖିଆ ଏଠି ଥା'ନ୍ତି ଯେତେ
ଭୋଅଟ ଆଇଲେ ଡିଅଁନ୍ତି କେତେ।


——— ଟୁଟୁ

# ପୌର ନିର୍ବାଚନ ପାଇଁ ନୂଆ ବ୍ୟବସ୍ଥା, ରହିବ 'ନୋଟା'

**ଭୁବନେଶ୍ୱର :** ରାଜ୍ୟରେ ଫେବ୍ରୁଆରୀ ୧୬ରୁ ଆରମ୍ଭ ହେବାକୁ ଯାଉଛି ପଞ୍ଚାୟତ ଭୋଟ। ପାଞ୍ଚଟି ପର୍ଯ୍ୟାୟରେ ହେବାକୁ ଯାଉଛି ମତଦାନ। ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ହେବ ପୌର ନିର୍ବାଚନ। ପ୍ରଥମ ଥର ପାଇଁ ଚଳିତ

### ସତ୍ୟପାଠ ବାଧ୍ୟତାମୂଳକ

ପୌର ଭୋଟରେ ରହିବ ନୋଟା। ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି। ପ୍ରାର୍ଥୀ ନା ପସନ୍ଦ ହେଲେ ନୋଟାରେ ଭୋଟ ଦେଇପାରିବେ ଭୋଟର। ପୂର୍ବରୁ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ରହୁଥିଲା ନୋଟା। ତେବେ ପ୍ରଥମ ଥର ପାଇଁ ପୌର ଭୋଟରେ ରହିବ ନୋଟା। ସମ୍ବିଧାନର ଧାରା ୨୪୩-ଜେଡ୍ଏ ଅନୁଯାୟୀ




ଏହି ବ୍ୟବସ୍ଥା ଲାଗୁ ହେବ। ସୂଚନାଥାଉ କି, ଥର ପୌର ନିର୍ବାଚନ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ୍)ରେ ହେବ। ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ ସୂଚନା ଅନୁଯାୟୀ, ଗୋଟିଏ ବୁଥ୍‌ରେ ୨ଟି ଇଭିଏମ୍ ରହିବ। ଗୋଟିଏ ଇଭିଏମ୍‌ରେ କାଉନସିଲର/ କର୍ପୋରେଟରଙ୍କ ପାଇଁ ଭୋଟ୍ ପଡ଼ିବ। ସେହିପରି ଅନ୍ୟ ଇଭିଏମ୍‌ଟିରେ ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ଭୋଟ୍ ପଡ଼ିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ସୂଚନାଯୋଗ୍ୟ, ଏଥର ଭୋଟରମାନେ ସିଧାସଳଖ ମେୟର ଓ ପୌରାଧ୍ୟକ୍ଷ ବାଛିବେ। ପୌର ନିର୍ବାଚନରେ ଏଥର ପ୍ରାର୍ଥୀଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଏହି ସତ୍ୟପାଠରେ ସେମାନେ ନିଜର ସଂପତ୍ତି ତାଲିକା ଦେବେ। ଏହାସହ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଦେବେ। ସେହିଭଳି ଯଦି ସେମାନଙ୍କ ନାଁରେ କୌଣସି ଅପରାଧ ମାମଲା ଥିବ, ତା'ର ମଧ୍ୟ ସୂଚନା ଦେବେ। ➤ ପୃ-୬

### ନିର୍ବାଚନ : ବିଇଓଙ୍କ ଅନିୟମିତତା ବିରୋଧରେ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ

# ଖାଉ ଖାଉ ସବୁ ଖାଇଦେଲେ !




**ଭଦ୍ରକ :** ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଫିସରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଶୂନ୍ୟ ସହନଶୀଳତା ଥିଲା ବେଳେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ୨୦୨୨ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାପାଳ ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ବ୍ଲକର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କର ତାଲିକା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ଜିଲ୍ଲାପାଳଙ୍କ ନିକଟକୁ ଯେଉଁ ତାଲିକା ପଠାଇଲେ ସେଥିରେ ବହୁ ପ୍ରକାର କେଳେଙ୍କାରୀ ହୋଇଛି। ଅଭିଯୋଗ ଅନୁଯାୟୀ ବିଇଓ ବହୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିକଟରୁ ଲାଞ୍ଚ ଖାଇ ନିଜ ମନଇଚ୍ଛା ତାଲିକା ପ୍ରସ୍ତୁତ କରି ଦେଇଛନ୍ତି। ଅନ୍ୟ ଅଭିଯୋଗ ଅନୁଯାୟୀ ବହୁ ଶିକ୍ଷକଙ୍କ ନିଜ ଲୋକ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ତେଣୁ ନିଜ ଲୋକଙ୍କ ପାଇଁ ଏହି ଶିକ୍ଷକମାନେ ପ୍ରଚାର କରୁଥିବା ନେଇ ମଧ୍ୟ ଅଭିଯୋଗ ବିଇଓ କାର୍ଯ୍ୟାଳୟରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ଓ କୌଣସି କର୍ମଚାରୀଙ୍କ ତାଲିକା ନିର୍ବାଚନ ଡ୍ୟୁଟିରେ ନାହିଁ। ଯେଉଁ ଶିକ୍ଷକମାନେ ବିଇଓଙ୍କୁ ଲାଞ୍ଚ ଦେଇଛନ୍ତି ତାଙ୍କ ନାଁ କାଟିବା, ଯୋଡିବାରେ ସାମିଲ ରହିଛି। ଜଣଙ୍କ ପିଛା ୨ ହଜାରରୁ ୩ ହଜାର ପର୍ଯ୍ୟନ୍ତ ଆଦାୟ ହେଉଥିବା ଜଣାପଡିଛି। ➤ ପୃ-୬




# 'ଗଣତନ୍ତ୍ରକୁ ବଜାରତନ୍ତ୍ରରେ ପରିବର୍ତ୍ତନକୁ ବିରୋଧ କରନ୍ତୁ'

**ଭୁବନେଶ୍ୱର** ଦୀର୍ଘ ୨୨ବର୍ଷ ଧରି ରାଜ୍ୟରେ ଏକମାତ୍ର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ଏକନମ୍ବର କିନ୍ତୁ ରାଜ୍ୟ କାହିଁକି ସର୍ବଭାରତୀୟ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ଆଇନକାନୁନ, ରୋଜଗାର, ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର ସବୁଠାରୁ ପଛଆଡୁ ପ୍ରଥମ। ୨୦୦୦ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡ଼ି ଓ ବିଜେପି ଓଡ଼ିଶାର ଶାସନ ବ୍ୟବସ୍ଥାରେ ଥିଲେ। ଓଡ଼ିଶାବାସୀଙ୍କୁ ଯେଉଁ ଆଶା, ଭରଷା ଓ ବିଶ୍ୱାସ ଜନ୍ମାଇଥିଲେ ତାର କାଣିଚାଏ ମଧ୍ୟ ପୂରଣ କରାଯାଇ ନାହିଁ। ୨୦୦୯ ମସିହାରେ କୁହାଯାଇଥିଲା ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ୩୫% ଜଳସେଚନ କରାଯିବ କିନ୍ତୁ ଆଜି ୨୨ ବର୍ଷପରେ ମଧ୍ୟ ମାତ୍ର ୧୮% ଜଳ ସେଚନ କରିବାରେ ସକ୍ଷମ ହୋଇନାହାନ୍ତି। ପ୍ରତିବର୍ଷ ଦୁଇଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଆଶା ଓ ବିଶ୍ୱାସ ବେରୋଜଗାର ଯୁବକ ଯୁବତୀ ମନରେ ସୃଷ୍ଟି କରାଯାଇଥିଲା। ୨୨ ବର୍ଷ ଭିତରେ ୪୪ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯିବା କଥା କିନ୍ତୁ ଆଜି ରାଜ୍ୟରେ ପାଖାପାଖି ୪୫ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। କୁହାଗଲା ଓଡ଼ିଶାରେ ପୁଞ୍ଜି ବିନିଯୋଗର ଅପାର ସୁଯୋଗ ରହିଛି ଏବଂ ରାଜ୍ୟବାସୀଙ୍କୁ ହିସାବ ଦିଆଗଲା ପାଖାପାଖି ୧୦ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ହୋଇଛି ବୋଲି ତାହାହେଲେ କାହିଁକି



ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି ହୋଇପାରିଲା ନାହିଁ ଏହା ଏକ ବଡ଼ ପ୍ରଶ୍ନବାଚୀ। ଏ ରାଜ୍ୟରେ ମହିଳା ମାନଙ୍କ ପ୍ରତି ନିର୍ଯ୍ୟାତନା ପ୍ରତିଦିନ ହୁ ହୁ ହୋଇ ବଢ଼ିଚାଲିଛି ଶେଷରେ ଆମେ ଭାରତ ବର୍ଷରେ ଏକ ମୁଖ୍ୟ ନାରୀ ଅପରାଧ ପ୍ରବଣ ରାଜ୍ୟ ରୂପେ ପରିଗଣିତ କାହିଁକି ? କୃଷକ ମାନଙ୍କର ଆୟକୁ ଦ୍ୱିଗୁଣା କରିବାର ଉଭୟ ବିଜେପି ଓ ବିଜେଡ଼ି ଏକ ସ୍ୱରରେ କହିଥିଲେ। ରାଜ୍ୟ ସରକାର କାଳିଆ ଯୋଜନା କଲେ କିନ୍ତୁ ଏ ରାଜ୍ୟର ୮୦ ଭାଗ ଜନସାଧାରଣ କୃଷକ ଓ କୃଷିକାର୍ଯ୍ୟ ସହିତ ଜଡ଼ିତ। ଆଜି ଧାନମଣ୍ଡିରେ କୃଷକ ଧାନବସ୍ତା ଦେଇ ଶୋଇଛି ମାସ ମାସ ଧରି। ଟୋକନ ଭୁବନେଶ୍ୱରରୁ ଆସିବ ବୋଲି ଅପେକ୍ଷା କରିଛି। ଆଜି ପର୍ଯ୍ୟନ୍ତ ତାର ଉତ୍ପାଦିତ ଧାନ ମଣ୍ଡିରୁ ଉଠିଲା ନାହିଁ। ମିଲର ମାନଙ୍କ ସହିତ ରାଜ୍ୟ ସରକାରଙ୍କର କେଉଁ ଏକ ଅଘୋଷିତ ସଂପର୍କ ପାଇଁ ଆଜି ଚାଷି ଏବଂ ଚାଷି ପରିବାର କାନ୍ଦୁଛି। ସ୍କୁଲରେ ଶିକ୍ଷକ ନରଖିବା ଏ ଏକବର୍ଷର କଥା ନୁହେଁ। ବର୍ଷପରେ ବର୍ଷ ସମସ୍ତ ସରକାରୀ ସ୍କୁଲକୁ ୨୨ ବର୍ଷର ସରକାରଙ୍କର ନୀତି ଓ ନିଷ୍ପତି ଯୋଗୁଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସ୍ଥାଣୁ ପ୍ରାୟ। ଓଡ଼ିଶା ବିଜୁଳି ଉତ୍ପାଦନର ବଳକା ରାଜ୍ୟ ହୋଇଥିଲେ ମଧ୍ୟ ଏ ରାଜ୍ୟରେ ଖାଉଟି ମାନଙ୍କୁ ଭାରତବର୍ଷରେ ସବୁଠାରୁ ଅଧିକ ଦାମ କାହିଁକି ନିଆଯାଉଛି। କେଉଁ ପୁଞ୍ଜିପତି ମାନଙ୍କ ସ୍ୱାର୍ଥକୁ ଉଭୟ ସରକାର ଜଗିଛନ୍ତି। ଆଜି ଓଡ଼ିଶାର ୮ଟି ଆଦିବାସୀ ବହୁଳ ଜିଲ୍ଲା ଭାରତ ବର୍ଷର ସବୁଠାରୁ ପଛୁଆ ଜିଲ୍ଲା। ୨୨ ବର୍ଷ ପରେ ମଧ୍ୟ ଆଜି କାହିଁକି ଗର୍ଭବତି ମହିଳା ଖଟିଆରେ ବୁହା ହେଉଛି। ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା କେବଳ ସ୍ୱାସ୍ଥ୍ୟ କାର୍ଡ ବାଂଟିବାରେ ସୀମାବଦ୍ଧକି ? ଡାକ୍ତରଖାନାରେ ଡାକ୍ତରଙ୍କୁ ରଖିବା ନାହିଁ ନର୍ସଙ୍କୁରଖିବା ନାହିଁ ନର୍ସ, ପାରାମେଡିକାଲ ଷ୍ଟାଫ ଏବଂ ବୈଷୟିକ ଜ୍ଞାନପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ନିଯୁକ୍ତି ଦେବା ନାହିଁ ➤ ପୃ-୬












EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟସ୍ଥଳରେ ବ୍ୟସ୍ତ ରହିବ। ଅଟକିଥିବା କାମ ସମ୍ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟ ଉତ୍ତମ ରହିବ ଓ ପରିବାରରେ ଶାନ୍ତି ପାଇବେ। ଆୟରେ ବୃଦ୍ଧି ହେବ। ବୈବାହିକ ଜୀବନରେ ଶେଷ ସୁଖ ପାଇବାର ସୂଚନା ମିଳିବ। ଛାତ୍ରମାନେ ସଫଳତା ମିଳିବ।

**ବୃଷ** ମନ ଚଞ୍ଚଳ ରହିବ। ବ୍ୟବସାୟ ପାଇଁ ସମୟ ଉତ୍ତମ। ଭାଇଭଉଣୀଙ୍କ ସହ ସମ୍ପର୍କରେ ବୃଦ୍ଧି ହେବ। କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ। କାର୍ଯ୍ୟ କ୍ଷେତ୍ରରେ ନିର୍ଣ୍ଣୟ ପରିବର୍ତ୍ତନ କରନ୍ତୁ ନାହିଁ। ଛାତ୍ରମାନେ ନୂଆ ଦିଗରେ ଅଗ୍ରସର ହୋଇପାରନ୍ତି।

**ମିଥୁନ** ଭାଗୀଦାରୀ ବ୍ୟବସାୟ କରିବା ପୂର୍ବରୁ ବିଚାର କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଆର୍ଥିକ ସ୍ଥିତି ଭଲ ରହିବ। ଛାତ୍ରମାନେ ପାଠରେ ମନଦେବେ। ଜୀବନସାଥୀଙ୍କ ସହ ସମ୍ପର୍କ ଦୃଢ଼ ହେବ।

**କର୍କଟ** ପେଟରେ ଓ ଗଳାରେ ସମସ୍ୟା ଦେଇପାରେ। ବ୍ୟବସାୟରେ ପରିସର ବଢ଼ିବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଆୟରେ ବୃଦ୍ଧି ହେବ। ଛାତ୍ରମାନେ ବିଦେଶଯାତ୍ରା କରିପାରନ୍ତି। ପ୍ରେମୀନଙ୍କୁ ଜଣେ ଅନ୍ୟ ଜଣଙ୍କୁ ଅବିଶ୍ୱାସ କରିବେ।

**ସିଂହ** ମନ ପ୍ରସନ୍ନ ରହିବ। କୌଣସି ଆପଣା ଲୋକଠାରୁ ସହଯୋଗ ପାଇପାରନ୍ତି। ଅର୍ଥ ବିନିଯୋଗ ପୂର୍ବରୁ ବିଚାର ବିମର୍ଷ କରନ୍ତୁ। ଦମ୍ପତ୍ତି ମାନଙ୍କ ମଧ୍ୟରେ ସମ୍ପର୍କ ମଧୁର ରହିବ। ଛାତ୍ରମାନେ ପାଠରୁ ବିମୁଖ ରହିପାରନ୍ତି।

**କନ୍ୟା** ସମାଜ ଓ ପରିବାରରେ ପ୍ରଶଂସିତ ହୋଇପାରନ୍ତି। ଆତ୍ମବଳ ବଢ଼ିବ। ବାଣୀ ଉପରେ ଲଗାମ ଲଗାନ୍ତୁ। ଗଳାରେ ସମସ୍ୟା ଉପୁଜିପାରେ। ଛାତ୍ରମାନେ ନିଜର ଯୋଜନା ଅନ୍ୟ ସହ ବାଣ୍ଟନ୍ତୁ ନାହିଁ।

**ତୁଳା** କାମର ବୋଝ ଯୋଗୁଁ ମନ ଓ ଶରୀର ବ୍ୟସ୍ତ ରହିବ। କୌଣସି ନୂତନ ବ୍ୟବସାୟ ପାଇଁ ଆକର୍ଷିତ ହୋଇପାରନ୍ତି। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଛାତ୍ରମାନେ ଶିକ୍ଷକଙ୍କ ସହାୟତା ପାଇବେ।

**ବିଛା** ପେଟ ଜନିତ ସମସ୍ୟା ହୋଇପାରେ। ବନ୍ଦ ପଡିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। କାହାକୁ ଅଯଥା ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ପତିପତ୍ନୀଙ୍କ ସମ୍ପର୍କ ଭଲ ରହିବ। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** ଥଣ୍ଡା ସର୍ଦ୍ଦିଜନିତ ରୋଗ ହୋଇପାରେ। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ଶୁଭ ସମାଚାର ପାଇପାରନ୍ତି। ନୂଆ ଯୋଜନାର ବାଟ ଦେଖାଦେବ। ପ୍ରେମରେ ପ୍ରତିଶ୍ରୁତି ପାଳନ କରନ୍ତୁ।

**ମକର** ପାଦରେ କଷ୍ଟ ହୋଇପାରେ। ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ସମ୍ପର୍କ ମଧ୍ୟରେ ତୃତୀୟ ବ୍ୟକ୍ତିକୁ ଗୁରୁତ୍ୱ ଦିଅନ୍ତୁ ନାହିଁ। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**କୁମ୍ଭ** ରକ୍ତଚାପ ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ଆଶାନୁରୂପ ଲାଭ ପାଇପାରନ୍ତି। ପରିବାରରେ କଥା କଟାକଟି ହୋଇପାରେ। ଛାତ୍ରମାନଙ୍କୁ ଠିକ ରାସ୍ତାରେ ଅଗ୍ରସର ହେବାକୁ ପଡିବ। ପ୍ରେମୀଙ୍କ ପ୍ରେମ ସୁଦୃଢ଼ ହେବ।

**ମୀନ** ଅନେକ ଦିନର ଚିନ୍ତାରୁ ମୁକ୍ତି ମିଳିବ। ନିଜେ ସବୁ କାମକୁ ସଫଳତାର ସହ ସମାପ୍ତ କରିବେ। ଛାତ୍ରମାନେ କ୍ୟାରିୟର ପ୍ରତି ଯତ୍ନବାନ ହେବା ଆବଶ୍ୟକ। ଆର୍ଥିକ ଜୀବନ ବୃଦ୍ଧି ପାଇଁ କଠିନ ପରିଶ୍ରମ କରିବାକୁ ପଡିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ‘୫ ରାଜ୍ୟରେ ବିଜେପି ସରକାର ଗଢ଼ିବ’

**ନୂଆଦିଲ୍ଲୀ :** ୟୁପି ସମେତ ୫ ରାଜ୍ୟରେ ହେବାକୁ ଥିବା ନିର୍ବାଚନରେ ବିଜେପି ବହୁମତରେ ଜିତିବ। ଭୋଟ୍ ପୂର୍ବରୁ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି। ଏକ ଜାତୀୟ ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ ସାକ୍ଷାତକାର ଦେଇ ଏହା କହିଛନ୍ତି ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି କହିଛନ୍ତି ଯେ, ମୁଁ ସବୁ ରାଜ୍ୟରେ ବିଜେପି ପ୍ରତି ଲୋକଙ୍କ ସମର୍ଥନ ଥିବା ଦେଖିଛି। ଆମେ ବିପୁଳ ଜନସମର୍ଥନରେ ନିର୍ବାଚନରେ ବିଜୟ ଲାଭ କରିବୁ । ୫ଟି ରାଜ୍ୟରେ ଜନସାଧାରଣ ବିଜେପିକୁ ସେବା କରିବା ପାଇଁ ସୁଯୋଗ ଦେବେ ବୋଲି ମୋଦି କହିଛନ୍ତି। ଦଳର ନାରା ‘ସବକା ସାଥ୍ ସବକା ବିକାଶ’କୁ ମୋଦି ଦୋହରାଇବା ସହ ବିଜେପି ସର୍ବଦା ଲୋକଙ୍କ କଲ୍ୟାଣ ପାଇଁ ରହିଛି। ନିର୍ବାଚନ ସମୟ ହେଉକି ଅନ୍ୟ ବେଳେ ବିଜେପି ସବୁବେଳେ ଜନତାଙ୍କ ପାଖରେ ଛିଡ଼ା ହୋଇଛି। ଆମେ କ୍ଷମତାରେ ଥିବା ବେଳେ ଆମର ମନ୍ତ୍ର ସବକା ସାଥ ସବକା ବିକାଶ ମନ୍ତ୍ରକୁ ଆଧାର କରି ବିପୁଳ ଉତ୍ସାହର କାମ କରିଥାଉ। ସେହିପରି ନିର୍ବାଚନ ହେବାକୁ ଥିବା ବିଜେପି ଶାସିତ ରାଜ୍ୟରେ ସରକାରଙ୍କ ବିରୋଧୀ ସ୍ୱର ନାହିଁ। ବରଂ ଯେଉଁଠି ବିଜେପି ସରକାର ଅଛି ସେଠାରେ ସପକ୍ଷବାଦୀ ସ୍ୱର ରହିଛି ବୋଲି ମୋଦି କହିଛନ୍ତି। ଉତ୍ତରପ୍ରଦେଶ ଉଦାହାରଣ ଦେଇ ମୋଦି



କହିଛନ୍ତି, ଆମେ ୨୦୧୪ରେ ସେଠାରୁ ବିପୁଳ ସମର୍ଥନ ପାଇଛୁ। ୨୦୧୭ରେ ସରକାର ଗଠନ କରିଛୁ। ସେହିପରି ୨୦୧୯ରେ ମଧ ୟୁପିବାସୀ ଆମ ଉପରେ ଭରସା କରିଛନ୍ତି ବୋଲି ମୋଦି କହିଛନ୍ତି। ଉଭୟ ଲୋକସଭା ଏବଂ ବିଧାନ ସଭାରେ ବିଜେପିର ପ୍ରଦର୍ଶନ ଅତି ଉତ୍ତମ ରହିଛି। ‘ଏକ ବାର ଆଉ ଏକ ବାର ଯାଉ’ ପୁରୁଣା ଥିଉରୀକୁ ଉତ୍ତରପ୍ରଦେଶ ବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ୨୦୧୪ ପରେ ତାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୧୪ରେ ସାଧାରଣ ନିର୍ବାଚନ, ୨୦୧୭ରେ ବିଧାନସଭା ନିର୍ବାଚନ ଏବଂ ୨୦୧୯ରେ ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶବାସୀଙ୍କ ବିଜେପି ପ୍ରତି କ୍ରମାଗତ ସମର୍ଥନରୁ ତାହା ପ୍ରମାଣିତ ବୋଲି ମୋଦି କହିଛନ୍ତି। ୨୦୨୨ରେ ଆମକୁ ସେମାନେ ପୁଣିଥରେ ଗ୍ରହଣ କରିବେ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ୭୦ ମିନିଟ୍ର ଦୀର୍ଘ ସାକ୍ଷାତକାର ଦେଇ କହିଛନ୍ତି ଯେ, ବିଜେପି ସବୁବେଳେ ଲୋକଙ୍କ ସେବାରେ ଲାଗି ରହିଛି। ଯେଉଁଠି ବିଜେପି ଶାସନ କରୁଛି, ସେଠି ଲୋକେ ତାକୁ ବିଜୟୀ କରି ଚାଲିଛନ୍ତି। ଆମର କାମକୁ ଦେଖି ଲୋକେ ଆମକୁ ବାରମ୍ବାର ବିଜୟୀ କରୁଛନ୍ତି ବୋଲି ମୋଦି କହିଛନ୍ତି । ବିଜେପି ସମୂହ ନେତୃତ୍ୱରେ ବିଶାସ କରେ ବୋଲି ମୋଦି କହିଛନ୍ତି।

# ଲକ୍‌ଡାଉନ୍ ପ୍ରଭାବ; ଜୀବନ ହାରିଛନ୍ତି ୨୫ ହଜାର

**ନୂଆଦିଲ୍ଲୀ :** ଆର୍ଥିକ ସଙ୍କଟରେ ଛଟପଟ ହୋଇ ୨୦୨୦ରେ ୮,୦୦୦ ଲୋକ ପ୍ରାଣ ହରାଇଛନ୍ତି। କୋଭିଡ୍‌ର ପ୍ରଥମ ଲହରରେ ଲକଡାଉନ୍ ଯୋଗୁ କାମ ହରାଇବା ସହ ରୋଜଗାର ବାଟ ବନ୍ଦ ହୋଇଯିବାରୁ ଲୋକେ ବାଧ ହୋଇ ଆତ୍ମହତ୍ୟା ପନ୍ଥାକୁ ବାଛିନେଲେ। ବୁଧବାର କୋଭିଡ୍ ଜନିତ ଲକଡାଉନ୍ କାରଣରୁ ଦୁର୍ଦ୍ଦଶାରେ ସମ୍ମୁଖୀନ ହୋଇଥିବା ଲୋକଙ୍କ ସମ୍ପର୍କରେ ଏମିତି ତଥ୍ୟ ରଖିଛନ୍ତି ସରକାର। ତାଲାବନ୍ଦ ଜନିତ ବେକାରୀ କାରଣରୁ ପ୍ରାୟ ୮,୭୬୧ ଜଣ ଜୀବନ ହାରିଛନ୍ତି । କିଏ ଋଣ ସୁଝି ନପାରିତ ଆଉ କିଏ ଦେବାଳିଆ ହୋଇ ଆତ୍ମହତ୍ୟା କରିଛନ୍ତି। ୨୦୨୦ରେ ଲକଡାଉନ୍ ଯୋଗୁ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟାକୁ ନେଇ ରାଜ୍ୟସଭାକୁ ଏମିତି ତଥ୍ୟ ଦେଇଛନ୍ତି ରାଜ୍ୟ ଗୃହମନ୍ତ୍ରୀ ନିତ୍ୟାନନ୍ଦ ରାୟ। ଆର୍ଥିକ ଅନଟନ କାରଣରୁ ୨୦୧୮ରୁ ୨୦୨୦ ମଧ୍ୟରେ ୨୫,୨୫୧ ଜଣ ଜୀବନ ହାରିଛନ୍ତି। ତେବେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ତଥ୍ୟ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଲକଡାଉନ୍ ବେଳେ



ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ନେଇ ସରକାରଙ୍କ ପାଖରେ ତଥ୍ୟ ଅଛି କି ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଛି କି ବୋଲି ବିରୋଧୀ ପକ୍ଷରୁ ପ୍ରଶ୍ନ ହୋଇଥିଲା। ଏହା ଜବାବରେ ମନ୍ତ୍ରୀ ଉପରୋକ୍ତ ତଥ୍ୟ ଦେଇଛନ୍ତି। ତେବେ କୋଭିଡ ସମୟରେ ପାଖାପାଖି କୋଟିଏରୁ ଅଧିକ ଶ୍ରମିକ ସେମାନଙ୍କ ଘରକୁ ଫେରିଥିବା ମନ୍ତ୍ରୀ କହିଛନ୍ତି। ୨୦୨୦ ମାର୍ଚ୍ଚ ମାସରେ ବିନା ଶ୍ରମିକମାନଙ୍କୁ ବିନା ପ୍ରସ୍ତୁତିରେ ହଠାତ୍ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଫଳରେ ପ୍ରବାସୀ ଶ୍ରମିକମାନଙ୍କୁ ଯାବତୀୟ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଭିନ୍ନ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବାରୁ କାମ ହରାଇ ଶ୍ରମିକମାନେ ପେଟ ପାଇଁ ଉହଳ ବିକଳ ହେଲେ। ରୋଜଗାର ବନ୍ଦ ହୋଇଯିବାରୁ ଘରକୁ ଫେରିବା ଏକମାତ୍ର ବିକଳ୍ପ ଥିଲା। ହେଲେ ଗାଡ଼ି ଘୋଡ଼ା ବନ୍ଦ ହୋଇ ଯିବାରୁ ସେମାନଙ୍କୁ ପାଦରେ ଚାଲି ଚାଲି ଫେରିବାକୁ ପଡ଼ିଲା। ପିଲା ଛୁଆଙ୍କୁ ଧରି ମାଇଲ ମାଇଲ ବାଟ ଚାଲିବା ଦୃଶ୍ୟ ଅତ୍ୟନ୍ତ କରୁଣ ଥିଲା। ଘରକୁ ଫେରିବା ବାଟରେ ଅନେକ ଶ୍ରମିକଙ୍କ ରାସ୍ତାରେ ମୃତ୍ୟୁ ଘଟିଥିଲା। ତେବେ ଆଜି ମଧ୍ୟ ସରକାଙ୍କ ଜିଏସଟି ପଲିସିକୁ ନେଇ ଉତ୍ତରପ୍ରଦେଶର ଜଣେ ବ୍ୟବସାୟୀ ନିଜ ସ୍ତ୍ରୀକୁ ବିଷ ଦେଇ ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଆତ୍ମହତ୍ୟାର ଲାଇଭ ଭିଡିଓ ଏବେ ଭାଇରାଲ ହେଉଛି। ସେଥି ପାଇଁ ସେ ସରକାରଙ୍କୁ ଦାୟୀ କରିଛନ୍ତି। ଗୁରୁତର ଅବସ୍ଥାରେ ବ୍ୟବସାୟୀଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଆତ୍ମହତ୍ୟା ବଢୁଥିବାରୁ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟର ଉପଚାର ପାଇଁ ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି କରୋନା କାଳରେ ବେକାରୀ ସମସ୍ୟାକୁ ମୁକାବିଲା ପାଇଁ ସରକାର କାମ ଯୋଗେଇ ଦେବା ସକାସେ ଅନେକ ପଦକ୍ଷେପ ନେଇଥିବା ମନ୍ତ୍ରୀ କହିଛନ୍ତି।

## ଇଣ୍ଡୋନେସିଆର ତୈଳ ରପ୍ତାନୀ ଉପରେ ରୋକ

# କମିବନି ଖାଇବା ତେଲ ଦର

**ନୂଆଦିଲ୍ଲୀ :** ଭାରତରେ ଖାଇବା ତେଲ ଦର ହ୍ରାସ ପାଇବା ନେଇ ପୂର୍ବରୁ ଆକଳନ କରାଯାଉଥିଲା । ମାତ୍ର ଇଣ୍ଡୋନେସିଆ ସରକାରଙ୍କ ଏକ ପଦକ୍ଷେପ ଯୋଗୁଁ ଏଥିରେ ଝଟକା ଲାଗିଛି। ନିର୍ବାଚନରେ ମହଙ୍ଗାମାଡା ବା ଅତ୍ୟାବଶକିୟ ଚିଜର ଦରଦାମ ବୃଦ୍ଧି ଏକ ମୁଖ୍ୟ ପ୍ରସଙ୍ଗ। ଏଥିଯୋଗୁଁ ବିଭିନ୍ନ ସମୟରେ ସରକାର ପରିବର୍ତ୍ତନ ହୋଇଯାଇଛନ୍ତି। ସୋରିଷ ତେଲ ସହ ଅନ୍ୟ କେତକ ଖାଇବା ତେଲର ଦର ପ୍ରାୟ ୨୦୦ ଟଙ୍କା ପାର କରିଥିଲା। ଗତ କିଛି ଦିନ ପୂର୍ବରୁ ବିଭିନ୍ନ ଖାଇବା ତେଲର ଦର ହ୍ରାସ ପାଉଥିଲା। ଏବେ ଏଥିରେ ରୋକ୍ ଲାଗିପାରେ ବୋଲି ଆଶଙ୍କା କରାଯାଉଛି। ଇଣ୍ଡୋନେସିଆରୁ ଭାରତ ପ୍ରାୟ ଏହା ରପ୍ତାନୀ କରୁଥିବା ତେଲର ୨୧ ପ୍ରତିଶତ କ୍ରୟ କରିଥାଏ। ଏବେ ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଉଥିବାରୁ ସେଠାକାର ସରକାର ବାହାର ଦେଶକୁ ତୈଳ ରପ୍ତାନୀ ଉପରେ ରୋକ ଲଗାଇଛନ୍ତି। ଇଣ୍ଡୋନେସିଆରେ ଅଧିକ ମାତ୍ରାରେ ପାମ୍ ଅଏଲ୍ ହୋଇଥାଏ। ସେଠାକାର କମ୍ପାନୀମାନେ ଉତ୍ପାଦନ



କରୁଥିବା ମୋଟ୍ ତେଲ ୨୦ ପ୍ରତିଶତ ଘରୋଇ ବଜାରରେ ବିକ୍ରି କରିବେ ବୋଲି ସରକାର ନିୟମ ପ୍ରଣୟନ କରିଛନ୍ତି। ଚୀନ୍ ସେଠାରୁ ୧୪ ପ୍ରତିଶତ ପାମ୍ ଅଏଲ୍ କିଣୁଥିବା ବେଳେ ଭାରତ ୨୧ ପ୍ରତିଶତ କିଣିଥାଏ। ଏହି ପ୍ରତିବନ୍ଧକ ଯୋଗୁଁ ପାମ୍ ଅଏଲ୍ ଦର ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହ ଅଶୋଧିତ ସୋୟା ତେଲର ଦାମ୍ ମଧ ବୃଦ୍ଧି ପାଇଛି। ପୂର୍ବରୁ ଏକ ଟନ୍ ସୋୟା ତେଲ ୨୫ ଡଲାରି ଥିଲା। ଏହା ଏବେ ବୃଦ୍ଧି ପାଇ୧୪୯୦ରେ ପହଞ୍ଚିଛି। ପୂର୍ବରୁ ରାଇସ୍ରାନ୍ ଅଏଲ୍ ଏକ ବାରେଲ୍ ଦର ୧୦୦ ଡଲାର ଥିଲା। ଏବେ ୧୪୫୦ ଟଙ୍କାରେ ପହଞ୍ଚିଛି। ଏବେ ତେଲ ଦର ଆକାଶ ଛୁଆଁ ହୋଇଛି।

# ଭାରତରେ ଆରମ୍ଭ ହେଲା ପ୍ରଥମ ‘ନାଜାଲ୍ ସ୍ପ୍ରେ’

**ନୂଆଦିଲ୍ଲୀ :** କୋଭିଡ୍-୧୯ଦ୍ୱାରା ଆକ୍ରାନ୍ତ ପ୍ରାପ୍ତ ବୟସ୍କ ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ‘ସାନୋଟାଇଜ୍’ ସହଭାଗିତାରେ ମୁମ୍ବାଇସ୍ଥିତ ଔଷଧ କମ୍ପାନି ‘ଗ୍ଲେନ୍ମାର୍କ’ ଭାରତରେ ‘ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ୍ ସ୍ପ୍ରେ’ର (ଫେବିସ୍ପ୍ରେ) ଶୁଭାରମ୍ଭ କରିଛି। ‘ଫେବିସ୍ପ୍ରେ’ର ପ୍ରସ୍ତୁତି ଏବଂ ବିକ୍ରୟ ଲାଗି ‘ଗ୍ଲେନ୍‌ମାର୍କ’ ତ୍ୱରାନ୍ୱିତ ଅନୁମୋଦନ ପ୍ରକ୍ରିୟାର ଅଂଶବିଶେଷ ଭାବେ ‘ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ’ଙ୍କ ଠାରୁ ଅନୁମୋଦନ ପାଇଛି। କୋଭିଡ୍-୧୯ ଚିକିତ୍ସା ନିମନ୍ତେ ଏହି ଔଷଧକୁ




ନାକପୁଡ଼ା ଭିତରେ ‘ସ୍ପ୍ରେ’ କରାଯିବ। ଏ ସଂକ୍ରାନ୍ତରେ ଜାରି ଔପଚାରିକ ବିବୃତିରେ ଉଲ୍ଲେଖ ଅଛି: ଭାରତରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି। ଏହି ଔଷଧ ୨୪ ଘଣ୍ଟାରେ ୯୪% ଏବଂ ୪୮%ରେ ୯୯% ଭୂତାଣୁ ହ୍ରାସ କରୁଥିବା ପରୀକ୍ଷାରୁ ଜଣାପଡ଼ିଛି। ନିରାପଦ ସାବ୍ୟସ୍ତ ହୋଇଥିବା ‘ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ୍ ସ୍ପ୍ରେ’କୁ (ନନ୍‌ସ୍) କୋଭିଡ୍-୧୯ ରୋଗୀମାନେ ଭଲ ଭାବେ ସହ୍ୟ କରିପାରୁଛନ୍ତି। ‘ଫେବିସ୍ପ୍ରେ’ ନାମରେ ‘ଗ୍ଲେନ୍‌ମାର୍କ’ ‘ନନ୍‌ସ୍’ ବିକ୍ରୟ କରୁଛି। କମ୍ପାନି କହିଛି ଯେ, ‘ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ୍ ସ୍ପ୍ରେ’କୁ ନାସିକୀୟ ‘ମ୍ୟୁକୋସା’ ଉପରେ ସ୍ପ୍ରେ କରିବାଦ୍ୱାରା ଏହା ଭୂତାଣୁ ପାଇଁ ବାସ୍ତବ ଏବଂ ରାସାୟନିକ ପ୍ରାଚୀର ଭଳି କାର୍ଯ୍ୟ କରିଥାଏ। କୋଭିଡ୍-୧୯ ଚିକିତ୍ସା କ୍ଷେତ୍ରରେ ଏହି ‘ସ୍ପ୍ରେ’କୁ ଗୋଟାଏ ଫଳପ୍ରଦ ଏବଂ ନିରାପଦ ଭୂତାଣୁ ବିରୋଧୀ ଚିକିତ୍ସା ବୋଲି କହି ‘ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍’ର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ରବର୍ଟ କ୍ରୋକାଟ୍ କହିଛନ୍ତି, ଏହା ରୋଗୀମାନଙ୍କ ପାଇଁ ଅତ୍ୟାବଶ୍ୟକ ଏବଂ ସମୁଚିତ ସମୟରେ ଚିକିତ୍ସା ପାଇଁ ବିକଳ୍ପ ହୋଇପାରିବ ବୋଲି ଆମର ଭରସା ଅଛି।

# ୧୨ ବର୍ଷରେ ୭୭% ମାଓ ହିଂସା ହ୍ରାସ

**ନୂଆଦିଲ୍ଲୀ :** ଗତ ୧୨ ବର୍ଷ ମଧ୍ୟରେ ଦେଶରେ ମାଓବାଦୀ ହିଂସା ଘଟଣା ୭୭% ହ୍ରାସ ପାଇଥିବା ସରକାରୀ ସୂଚନାରୁ ଜଣାପଡିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତରେ ମାଓବାଦୀ ଚିନ୍ତାଧାରା ଶୀଘ୍ର ଶେଷ ହେବାକୁ ଯାଉଛି। ବାମପନ୍ଥୀ ଉଗ୍ରବାଦ ହିଂସା ଘଟଣା ୨୦୦୯ରେ ସର୍ବାଧିକ ୨୨୫୮ ଥିବା ବେଳେ ୨୦୧୧ ସୁଦ୍ଧା ୭୭% ହ୍ରାସ ପାଇଛି। ସେହିପରି ଭାବରେ ମାଓହିଂସା ଜନିତ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀ ମୃତ୍ୟୁହାର ୮୫% ହ୍ରାସ ପାଇଛି। ୨୦୧୦ରେ ମାଓ ହିଂସା ଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ୨୦୦୫ ଥିଲା ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରାଜ୍ୟସଭାକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି



ଯେ ମାଓ ହିଂସାର ଭୌଗଳିକ ବିସ୍ତାର ମଧ ହ୍ରାସ ପାଇଛି ଏବଂ ୨୦୧୦ରେ ୯୬ଟି ଜିଲ୍ଲା ତୁଳନାରେ ୨୦୨୧ରେ କେବଳ ୪୬ଟି ଜିଲ୍ଲାରେ ବାମପନ୍ଥୀ ଉଗ୍ରବାଦ ହିଂସା ଘଟଣା ଘଟିଛି। ୨୦୧୫ରେ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଜାତୀୟ ନୀତି ଏବଂ କାର୍ଯ୍ୟ ଯୋଜନାର ନିରନ୍ତର କାର୍ଯ୍ୟକାରିତାକୁ ମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ସଂଗଠନ ତଥା ଆଦର୍ଶବାଦୀଙ୍କ ଦ୍ୱାରା ମାଓବାଦ ସର୍ବଦା ଅନୁପ୍ରାଣିତ ହୋଇଛି। ମନ୍ତ୍ରୀ କହିଛନ୍ତି, ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କଲାବେଳେ, ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଏହି ପ୍ରସଙ୍ଗ ଉଠାଇଥାନ୍ତି ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମଧ ଆଗକୁ ଆସନ୍ତି। ମନ୍ତ୍ରୀ କହିଛନ୍ତି ଯେ ମାଓବାଦୀ ଚିନ୍ତାଧାରା ଗଣତନ୍ତ୍ରରେ ବିଶ୍ୱାସ କରେ ନାହିଁ, ସେମାନେ ବନ୍ଧୁକମୁନରେ ଏକଛତ୍ରବାଦୀ ଶାସନ ଚାହୁଁଛନ୍ତି। ସେ କହିଛନ୍ତି, ଭାରତର ଆଦର୍ଶ ହେଉଛି ସୃଜନଶୀଳ ଏବଂ ମାନବବାଦୀ। ବିଜେପି ସାଂସଦ ରାକେଶ ସିହ୍ନା କହିଛନ୍ତି ଯେ କିଛି ଲୋକ ଭାରତରେ ସାମ୍ବାଦିକ ତଥା ଶିକ୍ଷାବିତ ବେଶରେ ନକ୍ସଲବାଦକୁ ପ୍ରୋତ୍ସାହିତ କରୁଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ

# ଅଧିକ ଘାତକ ହୋଇପାରେ ନୂଆ ଭାରିଏଣ୍ଟ

**ୱାଶିଂଟନ :** ମହାମାରୀ କରୋନାକୁ ନେଇ ନୂଆ ଚେତାବନୀ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ହୁ। କରୋନାର ଓମିକ୍ରନ ଭାରିଏଣ୍ଟ ଦୁର୍ବଳ ହେଉଥିବାରୁ ସାରା ବିଶ୍ୱରେ ଏବେ ଜୀବନ ଯାତ୍ରା ଧୀରେଧୀରେ ସ୍ୱାଭାବିକ ହେଉଛି। ହେଲେ ଭବିଷ୍ୟତରେ ବିପଦ ଆସିପାରେ ବୋଲି ହୁ’ ପକ୍ଷରୁ ଆଶଙ୍କା କରାଯାଇଛି। ଆଗାମୀ ଦିନରେ ଆସିବାକୁ ଥିବା କୋଭିଡ-୧୯ର ନୂଆ ଭାରିଏଣ୍ଟ ଅଧିକ ସଂକ୍ରାମକ ହେବ। ସେହିପରି ପୂର୍ବ ଭାରିଏଣ୍ଟ ଓମିକ୍ରନ ତୁଳନାରେ ଏହା ଅତ୍ୟନ୍ତ ଘାତକ ରୂପ ନେଇପାରେ ବୋଲି ହୁ’ ପକ୍ଷରୁ ସତର୍କ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଂକ୍ରାମକ ବିଶେଷଜ୍ଞ ଓ କୋଭିଡ-୧୯ର ବୈଷୟିକ ଟିମ୍ ମୁଖ୍ୟ ଡା ମାରିଆ ଭାନ କେରକୋଭେ କହିଛନ୍ତି ଯେ ମହାମାରୀର ଅନ୍ତ ହେବାକୁ ଆହୁରି ସମୟ ବାକି ରହିଛି। ମହାମାରୀ କେବେ ଶେଷ ହେବ, ତା’ର ଉତ୍ତର କାହା ପାଖରେ ନାହିଁ। ଭବିଷ୍ୟତିରେ କୋଭିଡ-୧୯ର ନୂଆ ଭାରିଏଣ୍ଟ ଆସିପାରେ। ଏହି ନୂଆ ଭାରିଏଣ୍ଟ ବର୍ତ୍ତମାନ ସକ୍ରିୟ ଥିବା ଓମିକ୍ରନ ଠାରୁ ଅଧିକ ଘାତକ ହେବାର ଯଥେଷ୍ଟ ଆଶଙ୍କା ରହିଛି।




ଓମିକ୍ରନ ତୁଳନାରେ ନୂଆ ଭାରିଏଣ୍ଟ ଅଧିକାରୁ ଅଧିକ ଲୋକଙ୍କୁ ସଂକ୍ରମଣ କରିବ। କିନ୍ତୁ ନୂଆ ଭାରିଏଣ୍ଟ କେତେ ଘାତକ ହେବ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ। ଯାହା ଆକଳନ କରାଯାଉଛି ନୂଆ ଭାରିଏଣ୍ଟ ରୋଗ ପ୍ରତିରୋଧକ ଶକ୍ତିକୁ ମାତ ଦେଇପାରେ। ଓମିକ୍ରନ ଭଳି ଟିକାର ପ୍ରଭାବ ନୂଆ ଭାରିଏଣ୍ଟ ଆଗରେ କିଛିଟା ଫିକା ପଡ଼ିପାରେ। ତେଣୁ ଭୟଙ୍କର ସ୍ଥିତି ସୃଷ୍ଟି କରିପାରେ। ଏଥିପ୍ରତି ଆମକୁ ସତର୍କ ରହିବାକୁ ହେବ। ଅବଶ୍ୟ ଟିକା ନେଲେ ନୂଆ ଭାରିଏଣ୍ଟ ବେଶୀ କିଛି କ୍ଷତି କରିପାରିବ ନାହିଁ। କରୋନାରେ ଆକ୍ରାନ୍ତ ହେଲେ ମଧ ହସ୍ପିଟାଲରେ ଭର୍ତ୍ତି ହେବା ଓ ମୃତ୍ୟୁ ଆଶଙ୍କା ଯଥେଷ୍ଟ କମ ରହିବ। ଆମର ଆଶା ଉପଯୁକ୍ତ ପଦକ୍ଷେପ ଯୋଗୁ କୋଭିଡ-୧୯ ସଂକ୍ରମଣକୁ ଆମେ କିଛି ମାତ୍ରାରେ ହ୍ରାସ କରିପାରିବା। କିନ୍ତୁ ଅଳ୍ପ ସଂକ୍ରମଣରେ ମଧ ଟିକା ଦ୍ୱାରା ସୁରକ୍ଷା କବଚ ପିନ୍ଧି ନଥିବା ଲୋକଙ୍କ ପ୍ରତି ନୂଆ ଭାରିଏଣ୍ଟ ସମସ୍ୟା ସୃଷ୍ଟି କରିପାରେ। ସେହିପରି ଟିକାର ପ୍ରଭାବ ହ୍ରାସ ପାଉଥିବା ଲୋକଙ୍କ କ୍ଷେତ୍ରରେ ମଧ ଏହା ଘାତକ ହୋଇପାରେ ବୋଲି ସେ କହିଛନ୍ତି।

## ଓମିକ୍ରନର ମୁକାବିଲା ପାଇଁ ଦରକାର ଚତୁର୍ଥ ଡୋଜ୍

**ୱାଶିଂଟନ :** ଚାରିଆଡେ କରୋନାକୁ ନେଇ ହାହାକାର ପରିସ୍ଥିତି। କେବେ ମିଳିବ କରୋନାରୁ ମୁକ୍ତି ? ଏହି ଉତ୍ତର କାହା ପାଖରେ ନାହିଁ। କରୋନାର ଗୋଟିଏ ପରେ ଗୋଟିଏ ଭାରିଏଣ୍ଟ ଆସୁଛି, ଆଉ ସାରା ବିଶ୍ୱକୁ କରୁଛି କଲବଲ। ଡେଲ୍ଟା ପରେ ଏବେ ପୂରା ବିଶ୍ୱରେ ଉତ୍ପାତ ମଚାଇଛି ଓମିକ୍ରନ୍ ଭାରିଏଣ୍ଟ। ଏହାର ମୁକାବିଲା ପାଇଁ ଏବେ କରୋନା ଟିକାର ଚତୁର୍ଥ ବୁଷ୍ଟର ଡୋଜ୍ର ଆବଶ୍ୟକ ପଡ଼ିପାରେ। ଏନେଇ ଆମେରିକାର ମୁଖ୍ୟ ସ୍ୱାସ୍ଥ୍ୟ ପରାମର୍ଶଦାତା ଡଃ. ଆନ୍ଥୋନୀ ଫସି କହିଛନ୍ତି।ଡଃ ଫସି ରାଷ୍ଟ୍ରପତି ଭବନରେ ଦେଇଥିବା ଏକ ବ୍ରିଫିଂରେ କହିଛନ୍ତି, ‘ଆଉ ଏକ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ପଡ଼ିପାରେ। ଏହି ମାମଲରେ ଏମ୍ଆର୍ଏନ୍ଏ ଟିକା ନେଇଥିବା ଲକୋଙ୍କୁ ଚତୁର୍ଥ ବୁଷ୍ଟର ଡୋଜ୍ ନେବାକୁ ଆବଶ୍ୟକ ପଡ଼ିପାରେ। ଏହା ବୟସ ଏବଂ ଶାରୀରିକ ସ୍ଥିତ ଉପରେ ନିର୍ଦ୍ଧାରିତ ହେବ।’ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବରିଷ୍ଠ ସ୍ୱାସ୍ଥ୍ୟ ପରାମର୍ଶଦାତା କହିଥିଲେ, ନଭେମ୍ବରରେ ଓମିକ୍ରନ୍ ଭାଇରସ ପ୍ରଥମେ ଚିହ୍ନଟ ହେବା ପରଠାରୁ ବିଶ୍ୱରେ କରୋନାରୁ ୫ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ସେ କରୋନାର ଏହି ଭାରିଏଣ୍ଟକୁ ଦ୍ରୁତଗତିରେ ବ୍ୟାପୁଥିବା ୱେଭ୍ ବୋଲି ବର୍ଣ୍ଣନା କରିଥିଲେ। ଓମିକ୍ରନ୍‌କୁ ଭାରିଏଣ୍ଟ ଅଫ୍ କନ୍‌ସର୍ଣ୍ଣ ଘୋଷଣା କରିବା ପରଠାରୁ ଆମେରିକାରେ କରୋନାରେ ଆକ୍ରାନ୍ତ ହୋଇ ୧ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିବା ନେଇ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ସୂଚନା ମୁତାବକ, ଆମେରିକାର କିଛି ରାଜ୍ୟରେ କରୋନାରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧିବା ନେଇ ବାଧତାମୂଳକ ଥିବା କଟକଣାକୁ କୋହଳ କରାଯାଇଛି। ସେପଟେ ସ୍କୁଲ ଓ କଲେଜରେ ମାସ୍କ ପିନ୍ଧିବାକୁ ନେଇ ବାଧତାମୂଳକ କରାଯାଇଛି। ୱାଶିଂଟନ ପୋଷ୍ଟ ଅନୁସାରେ ସାରା ବିଶ୍ୱରେ ଲଗାତର ପଞ୍ଚମ ସପ୍ତାହ ପାଇଁ କରୋନା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ସପ୍ତାହରେ ସାରା ବିଶ୍ୱରେ ୬୮ ୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା, ଯାହା ପୂର୍ବରୁ ହୋଇଥିବା କରୋନା ଜିନିତ ମୃତ୍ୟୁ ସଂଖ୍ୟା ଠାରୁ ୭ ପ୍ରତିଶତ ଅଧିକ ଥିଲା

# ସ୍ଥାନାନ୍ତର ହେବ ୟୁନିଟ୍-୧ ପରିବା ମାର୍କେଟ୍



**ଭୁବନେଶ୍ୱର :** ସ୍ଥାନାନ୍ତର ହେବ ରାଜଧାନୀ ଭୁବନେଶ୍ୱର ସ୍ଥିତ ୟୁନିଟ-୧ ପରିବା ହୋଲସେଲ୍ ମାର୍କେଟ। ସହର ଉପକଣ୍ଠ ଭଗବାନପୁରକୁ ଏହା ସ୍ଥାନାନ୍ତରିତ ହେବ। ଏଥିପାଇଁ ସେଠାରେ ୧୦ ଏକର ଜମି ଚିହ୍ନଟ କରାଯାଇଛି। ପରିବା ହୋଲସେଲ୍ ମାର୍କେଟ୍ ପାଇଁ ସେଠାରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ସୁବିଧା ଥିବାରୁ ତଥା ସହର ଭିତରୁ ଗହଳି କମାଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ବିଏମ୍‌ସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ବସିଥିଲା। ମାର୍କେଟ୍ ସ୍ଥାନାନ୍ତର ନିଷ୍ପତ୍ତିକୁ ସ୍ୱାଗତ କରିଛି ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ। ୧୯୫୭ ମସିହାରୁ ୟୁନିଟ-୧ରେ ୪ ଏକର ଜାଗା ଉପରେ ଅଛି ପରିବା ହୋଲସେଲ୍ ମାର୍କେଟ। ଏବେ ଏଠାରେ ୪୯ ଜଣ ପରିବା ହୋଲସେଲ୍ ବ୍ୟବସାୟୀ ଅଛନ୍ତି। ପ୍ରତିଦିନ ଏଠାକୁ ୨୦୦ ଟ୍ରକ ଯିବା ଆସିବା କରୁଛି। ତେବେ ଏଠାରେ ସ୍ଥାନ ଅଭାବରୁ ପରିବା ହୋଲସେଲ ମାର୍କେଟକୁ ସ୍ଥାନାନ୍ତର କରିବା ଲାଗି ୨୦୦୭ରୁ ଦାବି କରି ଆସୁଥିଲା ସଂଘ। ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ନୂଆ ମାର୍କେଟରେ ୪୯ ଜଣ ବ୍ୟବସାୟୀଙ୍କ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯିବା ଦରକାର। ଏହାସହ ପାଣି, ବିଜୁଳି ଓ ସଡ଼କ ଭଳି ଅନ୍ୟ ଆନୁଷଙ୍ଗିକ ସୁବିଧା କଲେ ପରିବା ହୋଲସେଲ ବ୍ୟବସାୟୀ ସେଠାକୁ ସ୍ଥାନାନ୍ତର ହେବେ।

**କୋଭିଡ୍-୧୯ର ଜରୁରୀ ମୁକାବିଲା ପାଇଁ ଓଡ଼ିଶାକୁ କେନ୍ଦ୍ରର ସହାୟତା**

# ମିଳିଛି ୨୬ ହଜାର କୋଟି ଅନୁଦାନ

**ଭୁବନେଶ୍ୱର :** କରୋନା ମହାମାରୀ ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ କେନ୍ଦ୍ର ସରକାର ଏଭଳି ଦୁର୍ଦ୍ଦିନରେ ଓଡ଼ିଶାକୁ ପ୍ରାୟ ସାଢ଼େ ୨୫ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଛନ୍ତି। ଏହାସହିତ କୋଭିଡ୍ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ୩.୧୦କୋଟି ଲୋକ ସିଧାସଳଖ ଉପକୃତ ହୋଇଥିବା ଜଣାପଡ଼ିଛି। ତଥ୍ୟ ଅନୁସାରେ କରୋନା ମହାମାରୀ ଆସିବା ପରେ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ପ୍ରାୟ ୨୬ହଜାର କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ ଅନ୍ନ ଯୋଜନାରେ ୩.୧୦କୋଟି ଲୋକ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮୩.୬୫ଲକ୍ଷ, ପିଏମକିଷାନରେ ୨୦.୦୩ଲକ୍ଷ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୮୧.୨୧ଲକ୍ଷ ଲୋକ, ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୨୦.୨୭ଲକ୍ଷ ହିତାଧିକାରୀ, କୋଠାବାଡ଼ି ଶ୍ରମିକ କଲ୍ୟାଣ ପାଣ୍ଠିରୁ ୨୦.୮୩ଲକ୍ଷ, କର୍ମଚାରୀ ଭବିଷ୍ୟ ପାଣ୍ଠି ସହାୟତାରେ ୧.୬୨ଲକ୍ଷ ଲୋକ ଉପକୃତ ହୋଇଛନ୍ତି। କରୋନା ମହାମାରୀ ଆସିବା ପରେ ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ-୧୯ର ଜରୁରୀକାଳୀନ ମୁକାବିଲା ପାଇଁ ୧୪୬.୪୪କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧୬୧୭.୬୩କୋଟି, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୧୬୦୪କୋଟି, ରାଜ୍ୟକୁ ପୁଞ୍ଜି ବ୍ୟୟ ପାଇଁ ସ୍ୱତନ୍ତ୍ର ଅନୁଦାନରେ ୪୭୧.୫୦କୋଟି, ଜିଏସଟି କ୍ଷତିପୂରଣରେ ୩୮୨୨କୋଟି ଓ ଅତିରିକ୍ତ ଋଣ ଭାବେ ରାଜ୍ୟ ଜିଡିପିର ୨ ପ୍ରତିଶତ ଋଣ ବାବଦରେ ୯୭୧୬କୋଟି ଟଙ୍କା ଓଡ଼ିଶା ଅନୁଦାନ ପାଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ମୁକାବିଲା ପାଇଁ ୨୫୮.୫୯କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମଇଶନରେ ୮୮୧.୮୬କୋଟି ଟଙ୍କା, ଜାତୀୟ ବିପର୍ଯ୍ୟୟ ପାଣ୍ଠିକୁ ୧୨୮୩.୨୦କୋଟି ଟଙ୍କା, ରାଜ୍ୟକୁ ପୁଞ୍ଜି ବ୍ୟୟ ଅନୁଦାନରେ ୧୪୩.୧୨କୋଟି ଟଙ୍କା, ଜିଏସଟି କ୍ଷତିପୂରଣରେ ୬୪୩୦.୨୦କୋଟି ଟଙ୍କା ମିଳିଛି। ସେହିପରି କରୋନା ମହାମାରୀ ମୁକାବିଲା ସମୟରେ ଅନ୍ୟାନ୍ୟ ସହାୟତା ବାବଦରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଗରିବ ଅନ୍ନ ଯୋଜନାରେ ୨କୋଟି ୮୮ଲକ୍ଷ ୩୭ହଜାର ୬୯ଜଣଙ୍କୁ ଖାଦ୍ୟଶସ୍ୟ, ୯୫.୧୯ଲକ୍ଷ ହିତାଧିକାରୀଙ୍କୁ ଡାଲି ଓ ଚଣା, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଯଥାକ୍ରମେ ୩ କୋଟି ୧୦ଲକ୍ଷ ୮୯ହଜାର ୯୬ଜଣ ଓ ୩.୦୮କୋଟି ହିତାଧିକାରୀ ସିଧାସଳଖ ଖାଦ୍ୟଶସ୍ୟ ପାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮୩ଲକ୍ଷ ୬୫ହଜାର ୭୬ଜଣ ହିତାଧିକାରୀଙ୍କୁ ୫୭୧.୭୦କୋଟି ଟଙ୍କାର ଗ୍ୟାସ୍ ରିଫିଲ୍ ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨୦.୦୩ଲକ୍ଷ ଚାଷୀଙ୍କୁ ସିଧାସଳଖ ଅର୍ଥ ସହାୟତା ମିଳିଥିବାବେଳେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୮୧.୨୧ଲକ୍ଷ ହିତାଧିକାରୀଙ୍କୁ କରୋନା ସହାୟତା ମିଳିଛି। ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦.୨୭ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦିଆଯାଇଥିବାବେଳେ କୋଠାବାଡ଼ି ଶ୍ରମିକ କଲ୍ୟାଣ ପାଣ୍ଠିରୁ ୨୦.୮୩ଲକ୍ଷ ହିତାଧିକାରୀଙ୍କୁ ୩୧୨.୪୯କୋଟି ଟଙ୍କାର ସହାୟତା ଦିଆଯାଇଛି। ସେହିପରି ଜିଲ୍ଲା ଖଣିଜ ପାଣ୍ଠିକୁ ୯୯.୪୯କୋଟି ଟଙ୍କା ସହାୟତା କେନ୍ଦ୍ର ସରକାର ଦେଇଥିବାବେଳେ ରାଜ୍ୟର ଘରୋଇ ସଂସ୍ଥାର କର୍ମଚାରୀଙ୍କ ଭବିଷ୍ୟ ପାଣ୍ଠିକୁ ୨୪ ପ୍ରତିଶତ ସହଯୋଗ ବାବଦରେ ୧.୬୨ଲକ୍ଷ କର୍ମଚାରୀଙ୍କୁ ଭବିଷ୍ୟ ପାଣ୍ଠିକୁ ଅନୁଦାନ କେନ୍ଦ୍ର ସରକାର ବହନ କରିଛନ୍ତି। ଲୋକସଭାରେ ସାଂସଦ ବସନ୍ତ ପଣ୍ଡାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି।

# ସାଂସଦ ଓ ବିଧାୟକଙ୍କୁ ଉତ୍ତମ ବ୍ୟବହାର ପାଇଁ ଅଫିସରଙ୍କୁ ଦିଆଯିବ ତାଲିମ



**ଭୁବନେଶ୍ୱର :** ସରକାରୀ ବାବୁମାନେ ସାଂସଦ ଓ ବିଧାୟକଙ୍କୁ ଉଚିତ ସମ୍ମାନ ଦେଉନଥିବା ଅନେକ ସମୟରେ ଅଭିଯୋଗ ଆସୁଥିଲା। ଯେଉଁଥିପାଇଁ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା। ଜନ ସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କୁ ଅଫିସରଙ୍କ ରୁକ୍ଷ ବ୍ୟବହାର ଅଭିଯୋଗକୁ ନେଇ ବିଧାନସଭାର ନୈତିକତା ଗୃହ କମିଟି ଅସନ୍ତୋଷ ପ୍ରକାଶ କରିଥିଲା। ତା'ସହିତ ବୁକ୍ ସର୍କୁଲାର-୪୭ର କଡ଼ା ଅନୁପାଳନ କରିବା ଉପରେ ଜୋର ଦିଆଯାଇଥିଲା। ଏହାପରେ ଓଏଏସ୍, ଓଆର୍ଏସ୍, ଓଟିଏଏସ୍ ଓ ଅନ୍ୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁକ୍ ସର୍କୁଲାର-୪୭ ସାମିଲ କରିବା ପାଇଁ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖିଛି ସଂସଦୀୟ ବ୍ୟାପାର ବିଭାଗ। ଜନ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ କିଭଳି ସମ୍ପର୍କ ରହିବ ? ତାହା ବୁକ୍ ସର୍କୁଲାର-୪୭ ନିୟମାବଳୀରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ବୁକ୍ ସର୍କୁଲାର କହୁଛି, ସବୁ ଅଧିକାରୀ ଡ୍ୟୁଟି ସମୟରେ ସାଂସଦ ଓ ବିଧାୟକମାନଙ୍କ ସହ କଥାବାର୍ତ୍ତା ବେଳେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ଦେଖାଇବେ। ଯେତେବେଳେ ଜନ ପ୍ରତିନିଧି ଅଫିସରଙ୍କୁ ସାକ୍ଷାତ କରିବାକୁ ଅଫିସ ଆସିବେ, ସେତେବେଳେ ସଂପୃକ୍ତ ଅଫିସର ତାଙ୍କୁ ସମ୍ମାନ ଜଣାଇ ଠିଆ ହେବେ। ସାଂସଦ ଓ ବିଧାୟକ ଜିଲ୍ଲା ଏବଂ ସବଡିଭିଜନ ମୁଖ୍ୟାଳୟରେ ଥିବା ସମୟରେ ଅଫିସରମାନେ ପ୍ରତିଦିନ ସେମାନଙ୍କୁ କିଛି ସମୟ ଦେବେ। ସେହିଭଳି ଜନ ପ୍ରତିନିଧିଙ୍କ ଫୋନ ଆସିଲେ, ଅଫିସର ତତ୍କାଳ ଜବାବ ଦେବେ। ଯଦି ଅଫିସରେ ଉପସ୍ଥିତ ନ ଥିବେ, ପରବର୍ତ୍ତୀ ସମୟରେ କଲ କରିବେ ବୋଲି ବୁକ୍ ସର୍କୁଲାର-୪୭ ନିୟମାବଳୀରେ ଉଲ୍ଲେଖ ରହିଛି।

# ଓଡ଼ିଶାକୁ ନିତି ଆୟୋଗର ପ୍ରଶଂସା




**ଭୁବନେଶ୍ୱର :** ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ପରେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ନିତି ଆୟୋଗ। ଆଜି ଅନୁଷ୍ଠିତ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ନିତି ଆୟୋଗ ବୈଠକରେ ରାଜ୍ୟ ସରକାରଙ୍କ ବିକାଶ ଅଭିମୁଖୀ କାର୍ଯ୍ୟକୁ ମିଳିଛି ସାବାସି। ବିକାଶ ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶା ୨୦୨୧ ସୁଦ୍ଧା ୬୧ ତମ ସ୍ଥାନରେ ରହିଛି। ହେଲେ ମାନବ ବିକାଶ ସୂଚକାଙ୍କରେ ରାଜ୍ୟର ସଫଳ ପ୍ରଦର୍ଶନକୁ ସଠିକ୍ ଆକଳନ କରାଯାଇନାହିଁ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନୀତି ଆୟୋଗ ବୈଠକରେ ଆପତ୍ତି ଉଠାଯାଇଛି। ୨୦୩୦ ସୁଦ୍ଧା ରାଜ୍ୟର ସମସ୍ତ ଗରିବ ଓ ଦୁର୍ବଳ ବର୍ଗଙ୍କୁ ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯିବ ସେଥିପାଇଁ ସରକାର ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସମସ୍ତ ବିଭାଗ ସୁଚିନ୍ତିତ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିବା ନୀତି ଆୟୋଗଙ୍କୁ ଅବଗତ କରିଛନ୍ତି।

**ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ**

# ୫ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକ ମୂଲ୍ୟ ବୋଧ ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ଉତ୍ତମ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଅଧିକାରୀ, ଯଥା - ଇଞ୍ଜିନିୟର, ସିଡିପିଓ, ଅଙ୍ଗନବାଡ଼ୀ ସୁପରଭାଇଜର, ପୋଲିସ ଇନ୍ସପେକ୍ଟର, ରେଭେନ୍ୟୁ ସୁପରଭାଇଜର ପ୍ରମୁଖ ଅନ୍ତର୍ଭୁକ୍ତ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହି ୫ ଜଣଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବାରିପଦା ଆଇ.ଟି.ଡି.ଏ ର ଆସିଷ୍ଟାଣ୍ଟ ଇଂଜିନିୟର ସନ୍ତୋଷ କୁମାର ଦାସଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ବିରୋଧରେ ୨.୮୦ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ରହିଛି। ସେଥିପାଇଁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ଆୟ ବହିର୍ଭୂତ ସମ୍ପତ୍ତି ମଧ୍ୟରେ ୪୧.୭୭ ଲକ୍ଷ ଟଙ୍କା ତାଙ୍କ ଘରୁ ନଗଦ ଜବତ କରାଯାଇଥିଲା। ତାଙ୍କର ଭୁବନେଶ୍ୱର ବରଗଡରେ ଏକ ଦୁଇତାଲା ବିଶିଷ୍ଟ ଘର, ଶୈଳଶ୍ରୀ ବିହାରରେ ଏକ ଫ୍ଲାଟ୍, କଳିଙ୍ଗ ବିହାରରେ ଏକ ଅର୍ଦ୍ଧନିର୍ମିତ ବିଲ୍ଡିଂ ରହିଛି। ଏହା ସହିତ ବାଲେଶ୍ୱରରେ ୩ଟି ପ୍ଲଟ୍ ମଧ୍ୟ ଅଛି। ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଜଗତସିଂହପୁର ଜିଲ୍ଲା ବାଲିକୁଦାର ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସରଳା ଦେଇଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ୨୦ ହଜାର ଟଙ୍କା ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଦୁର୍ନୀତି ନିବାରଣ ବିଭାଗର ଅନୁସଂଧାନରୁ ଜଣାଯାଇଛି ଯେ ତାଙ୍କର ଭୁବନେଶ୍ୱରରେ ୫ଟି ପ୍ଲଟ, ପିପିଲିରେ ଗୋଟିଏ ପ୍ଲଟ ଓ ଜଗତସିଂହପୁରରେ ଦୁଇଟି ପ୍ଲଟ ରହିଛି। ତା ସହିତ ଜଗତସିଂପୁରରେ ଗୋଟିଏ ଦୁଇତାଲା ବିଲ୍ଡିଂ ଅଛି। ଏହାସହିତ ଟଙ୍କା ଓ ସୁନାଗହଣା ଜବତ କରାଯାଇଛି। ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଜଗତସିଂହପୁର ବାଲିକୁଦାର ଅଙ୍ଗନବାଡି ସୁପରଭାଇଜର ପ୍ରତିମା ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ଅଛି। ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅନୁଗୁଳ ପୋଲିସ ଟ୍ରେନିଂ କଲେଜର ପୋଲିସ ଇନସପେକ୍ଟର ରାମଚନ୍ଦ୍ର ବେହେରାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା। ଅପାରଗତା ଓ ବିଶୃଙ୍ଖଳ ଆଚରଣ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି କେନ୍ଦୁଝର ଜିଲ୍ଲା ସଦର ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରେଭିନ୍ୟୁ ସୁପରଭାଇଜର ହୃଦାନନ୍ଦ ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଜମିଜମା ମାପଚୁପ ସମୟରେ ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ, ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଅସାଧୁ କାର୍ଯ୍ୟକଳାପ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୋ ସରକାର ତଥା ଅନ୍ୟ ସୂତ୍ରରୁ ମିଳିଥିବା ଫିଡ୍‌ବ୍ୟାକକୁ ମଧ୍ୟ ବିଚାରକୁ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ନିକଟରେ ଜଣେ ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ଓ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି।

# ଓଡ଼ିଶା ହାଇକୋର୍ଟରେ ୩ ନୂଆ ବିଚାରପତି



**ଭୁବନେଶ୍ୱର :** ଓଡ଼ିଶା ହାଇକୋର୍ଟରେ ୩ଜଣ ନୂଆ ବିଚାରପତି ନିଯୁକ୍ତି ପାଇବେ। ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ, ମୁରାହରି ଶ୍ରୀମଣ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ହେବ। ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ, ମୁରାହରି ଶ୍ରୀମଣଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିବା ପାଇଁ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ଫଳରେ ଓଡ଼ିଶା ହାଇକୋର୍ଟରେ ୩ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦେବାନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ, ମୁରାହରି ଶ୍ରୀମଣଙ୍କୁ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ଆଧାରରେ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ମହାନ୍ତିପଡ଼ାରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର




**ଭଦ୍ରକ :** ଆଗରପଡ଼ା ୧୪ନଂ ଜୋନ ଅର୍ନ୍ତଗତ ମହାନ୍ତିପଡ଼ା ପଂଚାୟତରେ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ଜନତାଦଳର ତତ୍କାଳୀନ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଟିକୁ ସ୍ୱାଇଁଙ୍କ ସୁପୁତ୍ର ତଥା କଂଗ୍ରେସ ସମର୍ଥୀତ ପ୍ରାର୍ଥି ସ୍ମୃତି ରଂଜନ ସ୍ୱାଇଁ(ଲାଲା) ସରପଂଚ ପ୍ରାର୍ଥୀ କଳ୍ପତରୁ ସାହୁଙ୍କ ପ୍ରଚାର ଜୋରଦାର ହେଉଥିବାର ପରିଲକ୍ଷିତ ହେଉଛି। ପ୍ରାର୍ଥୀମାନେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି ଓ ଜିତାଇବା ପାଇଁ ଭୋଟରମାନେ ମଧ୍ୟ ପ୍ରତିଶୃତି ନେଉଥିବାର ଜଣାପଡ଼ିଛି। ପୂର୍ବତନ ସରପଂଚ ଉମେଶ ସାହୁ ଏବଂ କୈଳାସ ସାହୁ ପ୍ରଚାର ଦାୟିତ୍ୱ ନିର୍ବାହ କରୁଛନ୍ତି। ଲାଲା ଓ କଳ୍ପତରୁ ଯୁବ ନେତା ହୋଇଥିବାରୁ ଅଧିକ ଭୋଟର ସେମାନଙ୍କ ପ୍ରତି ଆକର୍ଷିତ ହେଉଥିବାର ପରିଲକ୍ଷିତ ହେଉଛି।

# ସ୍କୁଲ ଖୋଲିଲା, ପିଲାଙ୍କ ଖୁସିରେ ମୁଁ ବହୁତ ଖୁସି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ପ୍ରାୟ ଦୁଇ ବର୍ଷ ପରେ ରାଜ୍ୟରେ ସ୍କୁଲ ଖୋଲିଛି। ଅଷ୍ଟମ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିଥିବା ବେଳେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୧୪ ତାରିଖରେ ଖୋଲିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପିଲାମାନଙ୍କୁ ଏକ ବାର୍ତ୍ତା ଦେଇ କହିଛନ୍ତି ଯେ, ସ୍କୁଲ ଖୋଲିବା ଖୁସିରେ ପିଲାମାନେ ଖୁସି, ପିଲାମାନଙ୍କ ଖୁସିରେ ସେ ନିଜେ ବି ବହୁତ ଖୁସି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ଦିନ। ପ୍ରାୟ ଦୁଇ ବର୍ଷ ପରେ ଆଜି ସ୍କୁଲ ଘଣ୍ଟା ବାଜିଲା। ପିଲାମାନେ ଆଜି ସ୍କୁଲ ଗଲେ। ମହାପ୍ରଭୁଙ୍କ ଆଶୀର୍ବାଦ, ଆପଣମାନଙ୍କ ସହଯୋଗ ଓ କୋଭିଡ ଯୋଦ୍ଧାଙ୍କ ତ୍ୟାଗ ଯୋଗୁ ଏହା ସମ୍ଭବ ହୋଇପାରିଛି। ଗତ ଦୁଇ ବର୍ଷ ହେଲା କରୋନା ଯୋଗୁ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ସ୍କୁଲ ଖୋଲିବା ହେଉଛି, ସ୍ୱଭାବିକ ଅବସ୍ଥା ଫେରିବାର ଶୁଭ ସୂଚନା ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ପିଲାମାନେ, ଦୁଇ ବର୍ଷ ହେଲା ତୁମେମାନେ ଘର ଭିତରେ ରହିଥିଲ। ସାଙ୍ଗସାଥି ଖେଳକୁଦ ସବୁ ବନ୍ଦ ଥିଲା। ମୁଁ ଜାଣେ ଆଜି ସ୍କୁଲ ଖୋଲିବା ନିଷ୍ପତ୍ତି ତୁମ ମାନଙ୍କୁ ବହୁତ ଖୁସି ଦେଇଛି। ତୁମ ମାନଙ୍କ ଖୁସିରେ ମୁଁ ବି ବହୁତ ଖୁସି। ପାଠପଢା ସହିତ ସାଙ୍ଗସାଥି, ନାଚଗୀତ, ଖେଳକୁଦ, ଖୁସି ମଜା ସବୁ କିଛି ଆଗଭଳି ଚାଲିବ। ଆମେ ପୁଣି ଆଗକୁ ବଢିବା ବୋଲି ସେ ପିଲାମାନଙ୍କୁ ଭରସା ଦେଇଛନ୍ତି। ସମସ୍ତଙ୍କ ସହଯୋଗରେ ଆମେ କରୋନାର ମୁକାବିଲା କରିପାରିଛୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରତି ଶହେ ବର୍ଷରେ ଥରେ ଏହିଭଳି ମହାମାରୀ ଆସେ। ଏଥିରେ ଆମର ଯୁବପୀଢି ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି। ପିଲାମାନଙ୍କୁ ଭୟ ନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମେ ସମସ୍ତେ ତୁମ ସାଥିରେ ଅଛୁ। କିନ୍ତୁ ତୁମକୁ ସତର୍କ ରହିବାକୁ ହେବ। ତୁମ ମାନଙ୍କୁ ମୋର ଅନୁରୋଧ, ତୁମେମାନେ କୋଭିଡ ଗାଇଡଲାଇନ ଠିକ୍ ଭାବରେ ପାଳନ କରିବ। ସ୍କୁଲ ସମୟରେ ଓ ବାହାରେ ମାସ୍କ ଠିକ୍ ଭାବରେ ପିନ୍ଧିବ। ବାରମ୍ବାର ସାବୁନରେ ହାତ ଧୋଇବ। କୋଭିଡ ନିୟମ ପାଳନରେ କେବେ ବି ହେଳା କରିବ ନାହିଁ। ପାଠପଢାରେ ଯାହା କିଛି କ୍ଷତି ହୋଇଛି, ତାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା। ପିଲାମାନଙ୍କର କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଆମ ସଂସ୍କୃତିରେ ଗୁରୁଙ୍କୁ ଆମେ ଭଗବାନ ଭାବରେ ସମ୍ମାନ କରୁ। ଗୁରୁଙ୍କ ଆଶୀର୍ବାଦ, ମାର୍ଗଦର୍ଶନ ହିଁ ଜୀବନରେ ସଫଳତା ଆଣିଥାଏ। ଆପଣମାନେ ଜାଣନ୍ତି, କୋଭିଡ ଯୋଗୁ ସବୁଠାରୁ ଅଧିକ କ୍ଷତି ହୋଇଛି ପିଲାମାନଙ୍କର ଓ ସେମାନଙ୍କ ପାଠପଢାର। ତେଣୁ ଆମେ ସମସ୍ତେ ମିଶି ସେ କ୍ଷତି ଭରଣା କରିବା। ମୋର ପୁରା ଭରସା, ଆପଣମାନଙ୍କ ଉପରେ ରହିଛି। କୋଭିଡ ଯୋଗୁ ପାଠପଢାରେ ଯେଉଁ କ୍ଷତି ହୋଇଛି, ତାକୁ ଆପଣମାନେ ହିଁ ପୂରଣ କରିପାରିବେ। ଆପଣମାନେ ସବୁବେଳେ କୋଭିଡ ନିୟମ ପାଳନ ପାଇଁ ମଧ୍ୟ ବିଶେଷ ଦୃଷ୍ଟି ଦିଅନ୍ତୁ।' ଶିକ୍ଷକ ମାନଙ୍କ ଦାୟିତ୍ୱରେ ଏବେ ପିଲାମାନେ ରହିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଲାଙ୍କ ବିନା ସ୍କୁଲ ପ୍ରାଣହୀନ। ପିଲାଙ୍କ ବିନା ସ୍କୁଲର ଅର୍ଥ କିଛି ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବହୁ ଦିନ ପରେ ସ୍କୁଲ ଆଜି ପୁଣି ଚଳଚଞ୍ଚଳ ହୋଇଛି। ପିଲାଙ୍କ କୋଳାହଳରେ ସ୍କୁଲ ଆଜି ନୂଆ ଜୀବନ ପାଇଛି। ସ୍କୁଲ ପରିଚାଳନା ବୋର୍ଡକୁ ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପିତାମାତା ଓ ଅଭିଭାବକ ମାନେ ପିଲାଙ୍କୁ ସ୍କୁଲ ଛାଡନ୍ତୁ ଏବଂ ଭଲ ଭାବରେ ମାସ୍କ ପିନ୍ଧାଇ ଛାଡନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କୋଭିଡ ଗାଇଡଲାଇନ ଠିକ୍ ଭାବରେ ପାଳନ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ଅଭିଭାବକ ମାନଙ୍କୁ ଅନୁରୋଧ କରିଛନ୍ତି। ପିଲାଙ୍କ ଖୁସିରେ ପରିବାରର ଖୁସି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାନବ ଜାତି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ସବୁବେଳେ ସଫଳତାର ସହିତ ମୁକାବିଲା କରି ଆଗକୁ ବଢିଛି ବୋଲି ପ୍ରକାଶ କରି ସେ ପିଲାମାନଙ୍କର ମନୋବଳ ବୃଦ୍ଧି କରିଛନ୍ତି। ତୁମମାନଙ୍କ ପୀଢି ମାନବ ଇତିହାସର ସବୁଠାରୁ କଠିନ ପରିସ୍ଥିତିକୁ ସାମ୍ନା କରିଛି ଏବଂ ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଏ ଅଭିଜ୍ଞତା ତୁମକୁ ସାହସ ଓ ଶକ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ସେ ପିଲାମାନଙ୍କ ଉପରେ ଦୃଢ ଆସ୍ଥା ପ୍ରକାଶ କରି କହିଛନ୍ତି ଯେ 'ମୋର ପୁରା ବିଶ୍ୱାସ, ତୁମେମାନେ, ତୁମମାନଙ୍କ ସଫଳତା ଦ୍ୱାରା, ମାନବ ସମାଜକୁ ଆହୁରି ଉଜ୍ଜଳ ଭବିଷ୍ୟତ ଆଡକୁ ଆଗେଇ ନେବ।'

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ଫେବୃଆରୀ, ୨୦୨୨

# ରାଜନୀତିରେ ସବୁ ସମ୍ଭବ

ରାଜ୍ୟରେ ଏବେ ପଞ୍ଚାୟତ ନିର୍ବାଚନ ଋତୁ। ତେଣୁ ବିଭିନ୍ନ ରାଜନୈତିକ ଦଳ ନିଜ ନିଜର ରଣକୌଶଳ ଜରିଆରେ ଭୋଟରଙ୍କ ନିକଟତର ହେବାକୁ ପ୍ରତିଦ୍ୱନ୍ଦିତା ଚଳାଇଛନ୍ତି। ଓଡ଼ିଶାରେ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ସର୍ବାଗ୍ରେ ଥିଲାବେଳେ ପଛକୁ ରହିଛି ଭାରତୀୟ ଜନତା ପାର୍ଟି। କଂଗ୍ରେସ କିନ୍ତୁ ପଛରେ ପଡିଯାଇଛି। ଅନ୍ୟାନ୍ୟ ଦଳ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିଲେ ବି ଲଢେଇ କିନ୍ତୁ ବିଜେଡି ଓ ବିଜେପି ମଧ୍ୟରେ ଦେଖିବାକୁ ମିଳୁଛି। ଯଦିଓ କଂଗ୍ରେସ ସପକ୍ଷରେ କିଛି ଜନମତ ରହିଛି ତଥାପି ବିଜେଡି ସହ ଲଢ଼େଇ କରି ଆସନ ହାତେଇବା ସମ୍ଭବ ନୁହେଁ। ତୃଣମୂଳ ସ୍ତରରେ ଅଧିକାଂଶ ଭୋଟର ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସପକ୍ଷରେ ରହିଛନ୍ତି। ହେଲେ ରାଜ୍ୟ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକୁ ଭୋଟରଙ୍କ ନିକଟରେ ପହଞ୍ଚାଇବାର ଚେଷ୍ଟା ଜାରି ରଖିଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓଡ଼ିଶାରେ ବିଜେପିକୁ ଆଗେଇ ନେବାର ଢ଼େର ଉଦ୍ୟମ କରୁଥିଲା ବେଳେ ବିଜେଡି କିନ୍ତୁ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ଓ ଘର ମରାମତି ପାଇଁ ଟଙ୍କା ସହ ଅନେକ ଯୋଜନାର ଅର୍ଥ ସାଧରଣଲୋକଙ୍କ ନିକଟରେ ପହଞ୍ଚାଇ ଆଗୁଆ ପଂଚାୟତ ନିର୍ବାଚନ ପ୍ରଚାର ଏକପ୍ରକାର ସାରିଦେଇଛନ୍ତି। ଯେଉଁ ସମୟରେ ମମତା ମେହେର ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଶାସକ ବିଜେଡି ଦଳକୁ ଘେରିଥିଲା, ତାହାରି ମଧ୍ୟରେ ବିରୋଧୀଙ୍କ ଅଭିଯୋଗକୁ ଭୃକ୍ଷେପ ନକରି ଅତି ଚତୁରତାର ସହ ମୁଖ୍ୟମନ୍ତ୍ରୀ ନିଜର ଆଗୁଆ ରଣନୀତି ଜରିଆରେ ଭୋଟରଙ୍କ କାନରେ ମନ୍ତ୍ର ଫୁଙ୍କିସାରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ରର ଏନଡିଏ ସରକାରଙ୍କୁ ସମର୍ଥନ ଦେଇ ସଂଘୀୟ ବ୍ୟବସ୍ଥାରେ ନିଜର ଅସଲ ଭାଗିଦାରୀ ପ୍ରମାଣ କରି ଓଡ଼ିଶାର ସ୍ୱାର୍ଥ ପ୍ରତି ଅଧିକ ଧ୍ୟାନ ଦେଇ କାର୍ଯ୍ୟ କରିଚାଲିଛନ୍ତି। ହେଲେ ନିର୍ବାଚନୀ ଋତୁ ଆସିଲେ ରାଜ୍ୟରେ ବିଜେଡିର ଶତ୍ରୁ ବିଜେପି ବୋଲି ଚର୍ଚ୍ଚା ହୋଇଥାଏ। ସାଧାରଣରେ କିଛିଲୋକ ପ୍ରଚାର ମଧ୍ୟ କରନ୍ତି ଯେ, ଏଥର ବିଜେଡି ସହ ବିଜେପି ଅସଲ ଲଢେଇ କରିବ। ମାତ୍ର ଫଳାଫଳ ବେଳେ ବାସ୍ତବ ଚିତ୍ର ଭିନ୍ନ ବୋଲି ଦେଖିବାକୁ ମିଳେ। ତେବେ ଏହାର କାରଣ କଣ? କାରଣ ଏହାଯେ ଏଯାବତ ରାଜ୍ୟ ବିଜେପି କିମ୍ବା କଂଗ୍ରେସ ବିଜେଡି ରଣନୀତିକୁ ସମ୍ପୂର୍ଣ୍ଣ ବୁଝିପାରୁନାହାନ୍ତି। ନିର୍ବାଚନ ପରିଚାଳନାରେ ବିଜେଡି ଯେଉଁ ଅସମ୍ଭବ ବିଚକ୍ଷଣତା, ବୁଦ୍ଧିମତା ଓ କୌଶଳ ଅବଲମ୍ବନ କରୁଛି ତାହା ଅନ୍ୟ ରାଜନୈତିକ ଦଳଙ୍କ ଚିନ୍ତାର ବାହାରେ। ତେଣୁ ଯେତେବେଳେ ପ୍ରତିପକ୍ଷ ଦଳର ରଣକୌଶଳ ଆମେ ବୁଝିପାରିନେ ସେତେବେଳେ ଲଢେଇ ସମାନ ବୋଲି କହିପାରିବା କି? ଅସଲ ମନ୍ତ୍ର ନମିଳିବା ଯାଏଁ ଆମେ ଭୋଟରଙ୍କ ନିକଟତର ହେବା ସମ୍ଭବପର ନୁହେଁ। ତେବେ ସଂଘୀୟ ବ୍ୟବସ୍ଥାରେ ଓଡ଼ିଶାର ଉଦାହରଣ ଦେଇ ମୁଖ୍ୟନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ୮ ତାରିଖରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଜ୍ୟସଭାକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଲେ, କୋଇଲା ଓ ଖଣି କ୍ଷେତ୍ରରେ ସଂସ୍କାର ଲାଗୁ କରିବାରେ ଓଡିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କେନ୍ଦ୍ରୀୟ ସଂସ୍କାରକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡିଶା କେନ୍ଦ୍ର କାନ୍ଧରେ କାନ୍ଧ ମିଳାଇଛି। କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଓଡିଶା ଆଗରେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ପ୍ରତି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଜାରି ରହିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତି ବତାବରଣକୁ ସରଗରମ କରିଦେଇଛି। ରାଜ୍ୟରେ ଶାସକ ଦଳ କେନ୍ଦ୍ର ବିରୋଧରେ ଗର୍ଜନ କରୁଥିଲା ବେଳେ ରାଜ୍ୟ ବିଜେପି ଶାସକ ଦଳକୁ ଘେରୁଛି। ଠିକ ଏମିତି ସମୟରେ ପ୍ରଧାନମନ୍ତ୍ରୀ ସଂଘୀୟ ବ୍ୟବସ୍ଥାର ଉଦାହରଣ ଦେବା ଛଳରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଖୋଲାଖୋଲି ପ୍ରଶଂସା କରିବା ଘଟଣା ରାଜନୈତିକ ମହଲରେ ଭୃକୁଞ୍ଚନ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ପ୍ରଧାନମନ୍ତ୍ରୀ ଭାଷଣ ପ୍ରାରମ୍ଭରେ ବିଜେଡି ରାଜ୍ୟସଭା ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପରାମର୍ଶକୁ ମଧ୍ୟ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟସଭାରେ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଏବଂ ସସ୍ମିତ ପାତ୍ର ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ବେଳେ ସଂଘୀୟ ବ୍ୟବସ୍ଥାକୁ ନେଇ ମତ ରଖିଥିଲେ।

ସମ୍ପାଦକୀୟ

ତାରକ ମହାନ୍ତି



ଯେଉଁ ସମୟରେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଠାରୁ ଅଧିକ ଆସନ ପାଇବାକୁ ବିଜେପି ସଂଘର୍ଷ କରୁଛି, ଠିକ ସେତିକିବେଳେ ବିଜେଡି ସୁପ୍ରିମୋଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସାରେ ପୋତିଦେବା କିଭଳି ବାର୍ତ୍ତା ଦେଉଛି। ତେଣୁ ବିଜେପି କର୍ମୀଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ରାଜ୍ୟରେ ପଂଚାୟତ ନିର୍ବାଚନରେ କାହାକୁ ହରାଇବ ବିଜେପି! କାରଣ ଯେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ତାଙ୍କ ବିରୋଧରେ କି ସ୍ଲୋଗାନ ଦେବ ବିଜେପି। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜେଡି ବିରୋଧରେ ପ୍ରଚାର କରିବା ପାଇଁ ବିଜେପି ନିକଟରେ ନୂଆ କିଛି ଥିବା ଭଳି ଲାଗୁନି।ବରଂ ପ୍ରଧାନମନ୍ତ୍ରୀଙ୍କ ନବୀନଙ୍କୁ ପ୍ରଶଂସା ଉପରେ ଲୋକ ଅଧିକ ଗୁରୁତ୍ୱ ଦେବେ।କେନ୍ଦ୍ର-ରାଜ୍ୟର ଭଲ ସଂପର୍କ ଭୋଟରଙ୍କୁ କିଭଳି ପ୍ରଭାବିତ କରିବ ତାହା ଦେଖିବା ବାକି।ହେଲେ ବିଜେଡିର ନିର୍ବାଚନ ଗୋଟି ଚାଳନା ଦେଖିଲେ ଯେ କେହିବି ବିସ୍ମିତ ହେବା ସ୍ୱାଭାବିକ। ଦୀର୍ଘବର୍ଷ ହେବ ବିଜେଡି ଭୋଟ ବେଳେ ଯେଭଳି ପାରଦର୍ଶିତା ଦେଖାଇଆସୁଛି ସେଥିରୁ ବିରୋଧୀ ଦଳ ମାନେ ଶିକ୍ଷାଲାଭ କରିବା ଉଚିତ ବୋଲି ମନେହୁଏ। ରାଜନୀତିରେ ଦଳ ବଦଳ ଠାରୁ ଆରମ୍ଭ କରି ଅନେକ ପ୍ରକାର ଭିତିରି ବୁଝାମଣା ନୂଆ ନୁହେଁ।ଯିଏ ନେଇଆଣି ଥୋଇପାରେ ସେ ନିଶ୍ଚୟ ବୁଦ୍ଧିମାନ। ତେଣୁ ବିଜେଡି ହିଁ ବୁଦ୍ଧିମତାର ଖେଳ ଖେଳୁଛି। ନିଜ ଦଳ ପାଇଁ ଯେତେ ଅଧିକ ହେବା ଦରକାର ତାହା ହିଁ କରିଚାଲିଛନ୍ତି ସଂଗଠନ ଦାୟିତ୍ୱରେ ଥିବା ନେତା। ଯଦିଓ ପୁରୁଣା ନେତାଙ୍କ ସଂଖ୍ୟା ଦଳରେ ନଗଣ୍ୟ ତଥାପି ଯୁବନେତା ମାନେ ଯେ ସଂଗଠନ ଭାର ନେବାକୁ ଅଧିକ ସମର୍ଥ ତାହା ପ୍ରମାଣିତ ହୋଇଚାଲିଛି। ଯଦିଓ କେନ୍ଦ୍ରର ମୋଦି ସରକାର ଓଡ଼ିଶା ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି, ତଥାପି ତାହା ଭୋଟ ଫଳାଫଳକୁ ପରିବର୍ତ୍ତନ କରିବାରେ ଏଯାଏ ସକ୍ଷମ ହୋଇନାହିଁ। ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବ। ଏଥିପାଇଁ ନିର୍ବାଚନ କମିଶନ ସର୍ବଦଳୀୟ ବୈଠକ ଡାକି ଏହି ନିର୍ବାଚନକୁ କିଭଳି ମୁକ୍ତ, ଅବାଧ କରାଯିବ ସେ ନେଇ ଆଲୋଚନା କରିଛନ୍ତି। ତେଣୁ ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନକୁ ନେଇ ଅଙ୍କକଷା ଆରମ୍ଭ ହେଲାଣି। ବିଶେଷକରି ମହାନଗର ନିଗମ ମେୟର ପଦକୁ ନେଇ ବିଭିନ୍ନ ପ୍ରାର୍ଥୀଙ୍କ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କର୍ପୋରେଟର ଆଶାୟୀ ପ୍ରାର୍ଥୀ ନିଜ ନିଜର ଲବି ଆରମ୍ଭ କରିଦେଇଛନ୍ତି। ହେଲେ ନିରପେକ୍ଷ ନିର୍ବାଚନ ନେଇ କମିଶନ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାର ସଠିକ୍ ପାଳନ ଜଗିବ କିଏ?

ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କ୍ରିପ୍ଟୋ ସମ୍ପତ୍ତି ଓ ଡିଜିଟାଲ ମୁଦ୍ରା



ଏ ପି ଶୁଭକାନ୍ତ ସାମଲ

କ୍ରିପ୍ଟୋକରେନ୍ସି ଗୁଡିକ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ଉଚ୍ଚ ମୂଲ୍ୟ ହେତୁ ବିଭିନ୍ନ ସରକାର, ନିୟାମକ ସଂସ୍ଥା ତଥା ଟିକସ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏବେକାର ବଜେଟ୍ ଅଧିବେଶନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ଘୋଷଣା କରିଛନ୍ତି ଯେ ଡିଜିଟାଲ ସମ୍ପତ୍ତି ସ୍ଥାନାନ୍ତରରୁ ଆୟ ଉପରେ ୩୦ ପ୍ରତିଶତ ହାରରେ ଟିକସ ଲାଗୁ କରାଯିବ, କୌଣସି ରିହାତି ଏବଂ ଛାଡ ଅନୁମତି ଦିଆଯିବ ନାହିଁ ବୋଲି ଘୋଷଣା କରି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି ଯେ କ୍ରିପ୍ଟୋକରେନ୍ସି ଆକାରରେ ପ୍ରାପ୍ତ ଉପହାର ଉପରେ ମଧ୍ୟ ସମାନ ହାରରେ (ପ୍ରାପ୍ତକର୍ତ୍ତାଙ୍କ ନିମନ୍ତେ) ଟିକସ ଲାଗୁ କରାଯିବ। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆସନ୍ତା ଆର୍ଥିକ ବର୍ଷରେ ସ୍ୱତନ୍ତ୍ର ଡିଜିଟାଲ ମୁଦ୍ରା ପ୍ରଦାନ କରିବ।

ପ୍ରାୟତଃ ସମସ୍ତେ କ୍ରିପ୍ଟୋକରେନ୍ସି ବିଷୟରେ ଜାଣିଥିବେ। ସାଧାରଣଭାବେ କହିବାକୁ ଗଲେ ଏହା କରେନ୍ସିର ଏକ ଡିଜିଟାଲ ରୂପ ଯାହାକି ପ୍ରଚଳିତ ମୁଦ୍ରା ଠାରୁ ଭିନ୍ନ। ଉଦାହରଣ ସ୍ୱରୂପ ଆପଣଙ୍କ ପକେଟରେ କିଛି ଟଙ୍କା ଅଛି, ଏହି ଅର୍ଥର ମୂଲ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରଣ ଦିଆଯାଏ, ଏବଂ ବଜାର ପ୍ରଣାଳୀରେ ଏହା ବ୍ୟବହାର ଯୋଗ୍ୟ। କିନ୍ତୁ, କ୍ରିପ୍ଟୋକରେନ୍ସି ଏହାଠାରୁ ଭିନ୍ନ। ଏହା ଆପଣଙ୍କ ପକେଟରେ ଥିବା ନୋଟ୍ ଏବଂ ମୁଦ୍ରା ପରି ନଥାଇ ସମ୍ପୂର୍ଣ୍ଣ ଡିଜିଟାଲ୍ ଭାବରେ ବିଦ୍ୟମାନ। ଏହାକୁ କୌଣସି ସରକାର ନିୟନ୍ତ୍ରଣ କରିନଥାନ୍ତି ଏବଂ ଏହାର ମୂଲ୍ୟ ନିର୍ଦ୍ଧାରଣ, ଏହାର ଲୋକପ୍ରିୟତା ବା ଚାହିଦା କରେ। ଯଦି ଆପଣ ନିଜର ଭାରତୀୟ ମୁଦ୍ରା ସୃଷ୍ଟି କରନ୍ତି, ତେବେ ଆପଣ ନକଲି ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ଶିକାର ହେବେ। କିନ୍ତୁ, ଯଦି ଆପଣ ନିଜର କ୍ରିପ୍ଟୋକରେନ୍ସି ସୃଷ୍ଟି କରନ୍ତି, ତେବେ ଆପଣ ଅପରାଧୀ ନୁହେଁ।

ବର୍ତ୍ତମାନ ଡିଜିଟାଲ ସମ୍ପତ୍ତି ଉପରେ ଟିକସ ଆଦାୟ ଫଳରେ କ୍ରିପ୍ଟୋକରେନ୍ସି ଉପରେ ନିୟନ୍ତ୍ରଣ ଆସିବ ବୋଲି ଆଶା କରାଯାଉଛି। ତେବେ ଭାରତରେ କ୍ରିପ୍ଟୋକରେନ୍ସି ନିୟନ୍ତ୍ରଣକୁ ନେଇ ପୂର୍ବରୁ ମଧ୍ୟ ଅନେକ ଚେଷ୍ଟା କରାଯାଇଛି ଏବଂ ଏ ଦିଗରେ ସମସ୍ୟା ଲାଗିରହିଛି। ଯଦିଓ ୨୦୦୯ରେ ଏହା ପ୍ରଥମେ ଆସିଥିଲା କିନ୍ତୁ ଭାରତରେ ୨୦୧୩ରେ ଏହା ବ୍ୟବହାର ଆରମ୍ଭ ହୋଇଥିଲା। ୨୦୧୩ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭର୍ଚୁଆଲ୍ ମୁଦ୍ରା ବ୍ୟବହାର ବିରୁଦ୍ଧରେ ଜନସାଧାରଣଙ୍କୁ ଚେତାବନୀ ଦେବା ପାଇଁ ଏକ ସାର୍କୁଲାର ଜାରି କରିଥିଲା। ବ୍ୟାଙ୍କ ଉପଭୋକ୍ତା, ଧାରକ ଏବଂ ଭର୍ଚୁଆଲ୍ ମୁଦ୍ରା ବ୍ୟବସାୟୀମାନଙ୍କୁ ସମ୍ଭାବ୍ୟ ଆର୍ଥିକ, କାର୍ଯ୍ୟକ୍ଷମ, ଆଇନଗତ, ଗ୍ରାହକ ସୁରକ୍ଷା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିପଦ ବିଷୟରେ ଚେତାବନୀ ଦେଇଥିଲା।ଫେବୃଆରୀ ୧, ୨୦୧୭ରେ ଆରବିଆଇ ଅନ୍ୟ ଏକ ସର୍କୁଲାର ଜାରିକରି ଭର୍ଚୁଆଲ୍ ମୁଦ୍ରା ସହିତ ଏହାର ଚିନ୍ତାକୁ ଦୋହରାଇଥିଲା, ଏବଂ ୨୦୧୭ ଶେଷ ସୁଦ୍ଧା ଆରବିଆଇ ଏବଂ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏକ ଚେତାବନୀ ଜାରି କରାଯାଇଥିଲା ଯେ ଭର୍ଚୁଆଲ୍ ମୁଦ୍ରା ଏକ ଆଇନଗତ ଟେଣ୍ଡର ନୁହେଁ। ଏଥିସହିତ ସୁପ୍ରିମକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଖଲ କରାଯାଇଥିଲା, ଗୋଟିଏ ଭାରତରେ କ୍ରିପ୍ଟୋକରେନ୍ସି କିଣିବା ଏବଂ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବାକୁ କହିଥିଲା, ଅନ୍ୟଟି ସେମାନଙ୍କୁ ନିୟନ୍ତ୍ରିତ କରିବାକୁ କହିଥିଲା। ନଭେମ୍ବର ୨୦୧୭ରେ ସରକାର ଭର୍ଚୁଆଲ୍ ମୁଦ୍ରା ସମ୍ବନ୍ଧୀୟ ସମସ୍ୟା ଅଧ୍ୟୟନ ଏବଂ କାର୍ଯ୍ୟଶୈଳୀ ନିୟନ୍ତ୍ରଣ ନିମନ୍ତେ ପ୍ରସ୍ତାବ ଦେବା ପାଇଁ ଏକ କମିଟି ଗଠନ କରିଥିଲେ। ଏହି ସମୟରେ, କ୍ରିପ୍ଟୋକରେନ୍ସି ଉପରେ କୌଣସି ପ୍ରତିବନ୍ଧକ ନଥିଲା ଏବଂ ଅଧିକାଂଶ ବ୍ୟାଙ୍କ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରୁ କାରବାରକୁ ଅନୁମତି ଦେଇଥିଲେ। ମାର୍ଚ୍ଚ ୨୦୧୮ରେ, କେନ୍ଦ୍ରୀୟ ଡିଜିଟାଲ ଟ୍ୟାକ୍ସ ବୋର୍ଡ (ସିବିଡିଟି) ଭର୍ଚୁଆଲ୍ ମୁଦ୍ରା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ ଏକ ଡ୍ରାଫ୍ଟ ଯୋଜନା ଦାଖଲ କରିଥିଲେ। ଏହାର ଏକ ମାସ ପରେ ଏପ୍ରିଲ ୬, ୨୦୧୮ରେ, ଆରବିଆଇ ଏକ ସର୍କୁଲାର ଜାରି କଲା ଯାହା ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଭର୍ଚୁଆଲ୍ ମୁଦ୍ରା ବିନିମୟକୁ ଆର୍ଥିକ ସେବା ଯୋଗାଇବାରେ ବାରଣ କରିବା ସହ କ୍ରିପ୍ଟୋକରେନ୍ସିକୁ ଭାରତରେ ବେଆଇନ ଘୋଷଣା କରିଲା। ଏହା ଦ୍ୱାରା କ୍ରିପ୍ଟୋକରେନ୍ସିର ମୂଲ୍ୟ ହ୍ରାସ ପାଇଲା। ଏପ୍ରିଲ ୨୦୧୮ରେ, ଅର୍ଥ ମନ୍ତ୍ରଣାଳୟ ନିଯୁକ୍ତ କମିଟି ଭର୍ଚୁଆଲ୍ ମୁଦ୍ରା ନିୟନ୍ତ୍ରଣ ପାଇଁ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତାବ ଦେଇଥିଲେ କିନ୍ତୁ ନିଷେଧାଦେଶ ସୁପାରିଶ କରିନଥିଲେ। ତଥାପି, ଫେବୃଆରୀ ୨୦୧୯ରେ ଆରବିଆଇର ସର୍କୁଲାର୍ ପରେ କମିଟି ଏକ ନୂତନ ଡ୍ରାଫ୍ଟ ବିଲ୍ ପ୍ରସ୍ତାବ ଦେଇଥିଲା ଯାହା ସମ୍ପୂର୍ଣ୍ଣ ନିଷେଧାଦେଶ ସୁପାରିଶ କରିଥିଲା।

ଏହା ପରେ ମାର୍ଚ୍ଚ ୨୦୨୦ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆରବିଆଇ ଦ୍ୱାରା ଲାଗୁ କରାଯାଇଥିବା କ୍ରିପ୍ଟୋକରେନ୍ସି ଉପରେ ରୋକ ହଟାଇଦେଇଥିଲେ। ଏହା ପରେ ଭାରତରେ ଏହାର ବ୍ୟବହାରରେ ଅହେତୁକ ବୃଦ୍ଧି ଘଟିଥିଲା। ଫେବୃଆରୀ ୯, ୨୦୨୧ରେ ଅର୍ଥମନ୍ତ୍ରୀ ସୀତାରମଣ ରାଜ୍ୟସଭାରେ କହିଥିଲେ, 'ଭର୍ଚୁଆଲ୍ ମୁଦ୍ରା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଅଧ୍ୟୟନ କରାଯିବ ଏବଂ ସମସ୍ତ ଘରୋଇ କ୍ରିପ୍ଟୋକରେନ୍ସିକୁ ଭାରତରେ ନିଷେଧ କରାଯିବ ବୋଲି ସୁପାରିଶ କରାଯାଇଥିବା ଏହି ମାମଲାରେ ନିଆଯିବାକୁ ଥିବା ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଅର୍ଥନୈତିକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି (ଆଇଏମସି) ଗଠନ କରାଯିବ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ସଂସଦକୁ ସୂଚନା ଦେଇଥିଲେ ଯେ କ୍ରିପ୍ଟୋକରେନ୍ସି ସମ୍ବନ୍ଧୀୟ ସମସ୍ୟାର ମୁକାବିଲା ପାଇଁ ବିଦ୍ୟମାନ ଆଇନ ପର୍ଯ୍ୟାପ୍ତ ନଥିବାରୁ ସରକାର କ୍ରିପଟ୍ଟୋକରେନ୍ସି ଉପରେ ଏକ ବିଲ୍ ଆଣିବାକୁ ଯୋଜନା କରିଛନ୍ତି। ନଭେମ୍ବର ୨୦୨୧ରେ, ବିଜେପି ସଦସ୍ୟ ଜୟନ୍ତ ସିହ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ କମିଟି ଅନ୍ୟମାନଙ୍କ ମଧ୍ୟରେ ଏ ସଂକ୍ରାନ୍ତରେ କ୍ରିପ୍ଟୋ ଏକ୍ସଚେଞ୍ଜ, ବ୍ଲକଚେନ୍ ଏବଂ କ୍ରିପଟ୍ଟୋ ଆସେଟସ କାଉନସିଲ୍ (ବିଏସିସି)ର ପ୍ରତିନିଧିମାନଙ୍କୁ ଭେଟିଥିଲେ ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ କ୍ରିପ୍ଟୋକରେନ୍ସି ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ୍ ନୁହେଁ, ବରଂ ନିୟନ୍ତ୍ରିତ କରାଯିବା ଉଚିତ୍। ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ଅଧିକାରୀଙ୍କ ସହ କ୍ରିପଟ୍ଟୋକରେନ୍ସି ଉପରେ ଏକ ବୈଠକ ଡାକିଥିଲେ। ଯେଉଁଥିରୁ ଏହି ସମସ୍ୟାର ମୁକାବିଲା ପାଇଁ ଦୃଢ ନିୟାମକ ପଦକ୍ଷେପ ନିଆଯିବା ସମ୍ପର୍କରେ ସୂଚନା ମିଳିଥିଲା।

ଯଦିଓ ମନ୍ତ୍ରାଳୟ ତଥା ସରକାରଙ୍କ ଦ୍ୱାରା ଏ ଦିଗରେ ନିୟାମକ କଥା ଆସିଥିଲା କିନ୍ତୁ ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରିପ୍ଟୋକରେନ୍ସି ବିରୋଧରେ ନିଜର ଦୃଢ଼ ଦୃଷ୍ଟିକୋଣକୁ ବାରମ୍ବାର ସୂଚିତ କରି କହିଥିଲା ଯେ ଏହା ଦେଶର ବୃହତ ଅର୍ଥନୈତିକ ଏବଂ ଆର୍ଥିକ ସ୍ଥିରତା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିବା ସହ କ୍ରିପ୍ଟୋକରେନ୍ସି ଉପରେ ବାଣିଜ୍ୟ କରୁଥିବା ନିବେଶକଙ୍କ ସଂଖ୍ୟା ଏବଂ ସେମାନଙ୍କର ବଜାର ମୂଲ୍ୟ ଉପରେ ସନ୍ଦେହ ତଥା ସଠିକ୍ ତଥ୍ୟ ଅଭାବ ବିଟକଏନ୍ ପରି ବିଭିନ୍ନ କ୍ରିପ୍ଟୋକରେନ୍ସିର ପ୍ରସାରକୁ ନେଇ ସମସ୍ୟା ସୃଷ୍ଟି କରିବ। ଏସବୁକୁ ଧ୍ୟାନରେ ରଖି ଆରବିଆଇ ଏକ ଅଫିସିଆଲ୍ ଡିଜିଟାଲ୍ ମୁଦ୍ରା ବାହାର କରିବାକୁ ଇଚ୍ଛା ଘୋଷଣା କରିଛି ଯାହା ଆରବିଆଇ ବା ସିବିଡିସି ନିୟନ୍ତ୍ରଣରେ ରହିବ।

ଏସବୁ ମଧ୍ୟରେ କ୍ରିପ୍ଟୋକରେନ୍ସି ଏବଂ ଅନ୍ୟାନ୍ୟ ଡିଜିଟାଲ ସମ୍ପତ୍ତିରୁ ଆୟ ଉପରେ ଭାରତ ୩୦% ଟିକସ ଲାଗୁ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ବଜେଟ୍ ଉପସ୍ଥାପନ କରିବା ସମୟରେ କହିଛନ୍ତି। ଭାରତର ସର୍ବୋଚ୍ଚ ଟିକସ ବ୍ୟାଣ୍ଡରେ କ୍ରିପ୍ଟୋକରେନ୍ସି ଏବଂ ନନ୍ ଫ୍ୟୁଞ୍ଜିବଲ୍ ଟୋକନ୍ (ଏନଏଫଟି)ରୁ ରୋଜଗାର ରଖିବା ବ୍ୟତୀତ ସୀତାରମଣ ଏହା ମଧ୍ୟ କହିଛନ୍ତି ଯେ ସେମାନଙ୍କ ବିକ୍ରୟରୁ କ୍ଷତି ଅନ୍ୟ ଆୟ ବିରୁଦ୍ଧରେ ପୂରଣ ହୋଇପାରିବ ନାହିଁ। ସେ ଏହା ମଧ୍ୟ କହିଥିଲେ ଯେ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି)ର ପ୍ରଚଳନ ଡିଜିଟାଲ ଅର୍ଥନୀତିକୁ ଏକ ବଡ଼ ପ୍ରୋତ୍ସାହନ ଦେବ।

ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭର୍ଚୁଆଲ୍ ସମ୍ପତ୍ତି ଉପରେ ୩୦ ପ୍ରତିଶତ ଟିକସ ଲାଗୁ କରିବା ପରେ କିଛି କ୍ରିପ୍ଟୋକରେନ୍ସି ନିବେଶକମାନେ ନିରାଶା ପ୍ରକଟ କରିବା ସହ ଏହି ନିଷ୍ପତ୍ତିକୁ ସମାଲୋଚନା କରୁଛନ୍ତି। ତେବେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଏପରି ଅନେକ ଦେଶ ଅଛନ୍ତି ଯେଉଁଠାରେ ମଧ୍ୟ କ୍ରିପ୍ଟୋ ଟିକସ ଆଦାୟ କରାଯାଏ। ଯୁକ୍ତରାଷ୍ଟ୍ର ଆମେରିକାରେ କ୍ରିପ୍ଟୋ କିଣିବା ଏବଂ ବିକ୍ରୟ କରିବା ୦ ରୁ ୩୭ ପ୍ରତିଶତ ମଧ୍ୟରେ ଟିକସଯୋଗ୍ୟ। ବ୍ରିଟେନରେ, କ୍ରିପ୍ଟୋକରେନ୍ସି ନିଷ୍କାସନ ପାଇଁ ପୁଞ୍ଜିଲାଭ ଟିକସହାର ଅଧିକ ଏବଂ ଅତିରିକ୍ତହାର ଟିକସଦାତାଙ୍କ ପାଇଁ ୨୦ପ୍ରତିଶତ ଏବଂ ମୌଳିକହାର ଟିକସଦାତାଙ୍କ ପାଇଁ ୧୦ପ୍ରତିଶତ। ଅଷ୍ଟ୍ରେଲିଆରେ, କ୍ରିପ୍ଟୋ ୧୨ମାସରୁ ଅଧିକ ସମୟ ଧରି ରଖାଯାଇଥିଲେ ୫୦ପ୍ରତିଶତ ପୁଞ୍ଜି ଲାଭ ଟିକସ ରିହାତି ପାଇଁ ଯୋଗ୍ୟ ଅଟେ। କାନାଡାରେ, ଯଦି ଆୟ ଏକ ବ୍ୟବସାୟରୁ ଆସେ, ତେବେ ସମଗ୍ର ପରିମାଣ ଉପରେ ଟିକସ ଲଗାଯାଏ, ତଥାପି, ପୁଞ୍ଜି ଲାଭ କେବଳ ୫୦ ପ୍ରତିଶତ ସମୟ ଉପରେ ଟିକସ ଲଗାଯାଏ। ଏସବୁ ବ୍ୟତୀତ ଜର୍ମାନୀ, ଇଟାଲୀ ପରି ବିଭିନ୍ନ ରାଷ୍ଟ୍ରରେ ମଧ୍ୟ କ୍ରିପ୍ଟୋ ଉପରେ ଟିକସ ଲାଗୁକରାଯାଇଛି।

ଭାରତ ସରକାର 'ଭର୍ଚୁଆଲ୍ ଡିଜିଟାଲ୍ ସମ୍ପତ୍ତି' ଉପରେ ଟିକସ ଘୋଷଣା କରିଛନ୍ତି। ଏହି ଶବ୍ଦର ଏକ ବ୍ୟାପକ ସଂଜ୍ଞା ଅଛି ଏବଂ ଏଥିରେ ସମସ୍ତ ପ୍ରକାରର କ୍ରିପ୍ଟୋକରେନ୍ସି ତଥା ଡିଜିଟାଲ ସମ୍ପତ୍ତି ଅନ୍ତର୍ଭୁକ୍ତ। 'ଭର୍ଚୁଆଲ୍ ଡିଜିଟାଲ୍ ସମ୍ପତ୍ତି' ସ୍ଥାନାନ୍ତରରୁ ଆୟ ଉପରେ ୩୦ ପ୍ରତିଶତ ଟିକସ ପ୍ରଯୁଜ୍ୟ।

ଏହି ଟିକସ ଆପଣଙ୍କ ଲାଭ ଉପରେ ଦେୟ ଅଟେ, ଯାହା 'ଅଧିଗ୍ରହଣମୂଲ୍ୟ' କାଟିବା ପରେ ଗଣନା କରାଯାଏ ଯେଉଁଥିରେ କ୍ରିପ୍ଟୋର କ୍ରୟ ମୂଲ୍ୟ ଏବଂ ଟ୍ରାଞ୍ଜାକସନ୍ ଫି ଅନ୍ତର୍ଭୁକ୍ତ ହୋଇପାରେ। ଆପଣ ଉପହାର ଭାବରେ ରୋଜଗାର କରୁଥିବା କ୍ରିପ୍ଟୋ ଭାରତରେ ପୂର୍ବରୁ ଥିବା ଆୟକର ଆଇନ ଅଧୀନରେ ଆସିବ। ଅଧିକାଂଶ କାରବାର ପାଇଁ କ୍ରିପ୍ଟୋ ଏକ୍ସଚେଞ୍ଜକୁ ଆୟକର ଅଧିନିୟମର ନୂତନ ଧାରା ୧୯୪ଏସ ଅଧୀନରେ ଜୁଲାଇ ୧, ୨୦୨୨ ରୁ ୧ ପ୍ରତିଶତ ଟିଡିଏସ୍ କାଟିବାକୁ ପଡିବ। ଏକ୍ସଚେଞ୍ଜ ଏହା ନିଶ୍ଚିତ କରିବ ଯେ ସମସ୍ତ କ୍ରିପ୍ଟୋ ଟ୍ରାଞ୍ଜାକସନସ୍ ରେକର୍ଡ ହୋଇଛି ଏବଂ ସରକାରଙ୍କୁ ରିପୋର୍ଟ କରାଯାଇଛି।

କ୍ରିପ୍ଟୋ ସମ୍ପତ୍ତିଗୁଡିକ ବର୍ତ୍ତମାନ ଡିଜିଟାଲ୍ ମୁଦ୍ରା ପରିବର୍ତ୍ତେ ଡିଜିଟାଲ୍ ସମ୍ପତ୍ତି ଭାବରେ ଭଲ ଭାବରେ ବୁଝାଯାଏ। ସେମାନଙ୍କୁ ଦ୍ରବ୍ୟ ପରି ନିୟନ୍ତ୍ରିତ କରିବା ଏବଂ ସେମାନଙ୍କର ଟିକସ ସ୍ପଷ୍ଟ କରିବା ନିଷ୍ପତ୍ତି ଲାଭଜନକ ହୋଇପାରେ। ଏହା ଦ୍ୱାରା ସରକାରଙ୍କ ଟିକସ ରାଜସ୍ୱ ବୃଦ୍ଧି ପାଇପାରେ ଏବଂ ଟିକସଦାତାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହେବ। କ୍ରିପ୍ଟୋକରେନ୍ସି ଏବଂ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଜାଗ୍ରତ କରିପାରିବ ଏବଂ ବ୍ଲକ୍ ଚେନ୍ ବିକାଶକାରୀଙ୍କ ଠାରୁ ଆରମ୍ଭ କରି ଡିଜାଇନର, ପ୍ରୋଜେକ୍ଟ ମ୍ୟାନେଜର, ବ୍ୟବସାୟ ବିଶେଷଜ୍ଞ, ପ୍ରୋତ୍ସାହକଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। କିନ୍ତୁ, ଏହା ଦ୍ୱାରା କିଛି ସମସ୍ୟା ଦେଖାଦେଇପାରେ ଯେପରି କିଛି କ୍ରିପ୍ଟୋ ସମ୍ପତ୍ତି ବ୍ୟକ୍ତିବିଶେଷ ଟିକସ ଫାଙ୍କିବାକୁ ଚେଷ୍ଟା କରିପାରନ୍ତି। ଅର୍ଥନୈତିକ ସ୍ଥିରତା ପାଇଁ ଏହା ଏକ ସମ୍ଭାବ୍ୟ ବିପଦ। ବିକେନ୍ଦ୍ରୀକୃତ କ୍ରିପ୍ଟୋକରେନ୍ସି (ଯେପରିକି ବିଟକଏନ୍) କୌଣସି ସଂସ୍ଥା, ବ୍ୟକ୍ତିଗତ କିମ୍ବା ସର୍ବସାଧାରଣ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ ନାହିଁ। ତେଣୁ ନିୟନ୍ତ୍ରିତ କରିବା ବଦଳରେ ଯଦି ଏଗୁଡ଼ିକୁ ନିଷେଧାଦେଶ ଦିଆଯାଏ ତେବେ ଏହି ନିଷେଧାଦେଶ ଅସମ୍ଭବ କାରଣ ଯେକୌଣସି ବ୍ୟକ୍ତି ଇଣ୍ଟରନେଟରେ କ୍ରିପ୍ଟୋକରେନ୍ସି କ୍ରୟ କରିପାରିବେ, ଫଳରେ ଏହା ଏକ ସମାନ୍ତରାଳ ଅର୍ଥନୀତି ସୃଷ୍ଟି କରିବ, ଅବୈଧ ବ୍ୟବହାରକୁ ଉତ୍ସାହିତ କରିବ। ଏସବୁକୁ ରୋକିବା ଦିଗରେ କ୍ରିପ୍ଟୋକରେନ୍ସି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ପରିବର୍ତ୍ତେ, ସରକାର କଠୋର ନିୟମ, ରିପୋର୍ଟିଂ ଏବଂ ଟିକସଯୋଗ୍ୟତା ଅନ୍ତର୍ଭୁକ୍ତ କରି କ୍ରିପ୍ଟୋକରେନ୍ସିର ବାଣିଜ୍ୟକୁ ନିୟନ୍ତ୍ରଣ କରିବେ। ରେକର୍ଡ ରକ୍ଷଣାବେକ୍ଷଣ, ଯାଞ୍ଚ, ସ୍ୱାଧୀନ ଅଡିଟ୍, ନିବେଶକ ଅଭିଯୋଗ ସମାଧାନ ଏବଂ ବିବାଦ ସମାଧାନରେ ସ୍ୱଚ୍ଛତା, ସୂଚନା ଉପଲବ୍ଧତା ଏବଂ ଉପଭୋକ୍ତା ସୁରକ୍ଷା ବିଷୟରେ ଚିନ୍ତାର ସମାଧାନ ପାଇଁ ବିଚାର କରିବା ଆବଶ୍ୟକ।

ଏକ ରିପୋର୍ଟରୁ ଜଣାପଡିଛି ଯେ ଭାରତରେ ୧୫ ନିୟୁତରୁ ୨୦ନିୟୁତ କ୍ରିପଟ୍ଟୋ ନିବେଶକ ଅଛନ୍ତି, ଯେଉଁଥିରେ ମୋଟ କ୍ରିପ୍ଟୋ ହୋଲ୍ଡିଂ ପ୍ରାୟ ୪୦୦ ବିଲିୟନ ଟଙ୍କା (୫.୩୭ ବିଲିୟନ ଡଲାର) ରହିଛି। ଯଦିଓ ଭାରତୀୟ କ୍ରିପ୍ଟୋ ବଜାରର ଆକାର ଉପରେ ସେପରି କୌଣସି ଅଫିସିଆଲ୍ ଡାଟା ଉପଲବ୍ଧ ନାହିଁ। ଭର୍ଚୁଆଲ୍ ଡିଜିଟାଲ୍ ସମ୍ପତ୍ତିରୁ ଆୟ ଉପରେ ତିରିଶ ପ୍ରତିଶତ ଟିକସ ଯଦିଓ ଅଧିକ, ତଥାପି ଏହା ଏକ ସକରାତ୍ମକ ପଦକ୍ଷେପ କାରଣ ଏହା କ୍ରିପ୍ଟୋକୁ ବୈଧ କରେ ଏବଂ କ୍ରିପ୍ଟୋ ଏବଂ ଏନଏଫଟିର ଅଧିକ ଗ୍ରହଣୀୟତା ଦିଗରେ ଏକ ଆଶାବାଦୀ ଭାବନାକୁ ସୂଚିତ କରେ।

ସେହିପରି ଆରବିଆଇ ଏପରି ଏକ ଡିଜିଟାଲ୍ କିମ୍ବା ଭର୍ଚୁଆଲ୍ ମୁଦ୍ରା ବିକାଶ କରୁଛି ଯାହା ଗତ ଦଶନ୍ଧି ମଧ୍ୟରେ ଛତୁ ଫୁଟିଥିବା ଘରୋଇ ଭର୍ଚୁଆଲ୍ ମୁଦ୍ରା କିମ୍ବା କ୍ରିପ୍ଟୋକରେନ୍ସି ଠାରୁ ଭିନ୍ନ। ଜାତୀୟ ସୁରକ୍ଷା ଏବଂ ଆର୍ଥିକ ସ୍ଥିରତା ଉପରେ ପ୍ରଭାବ ପକାଇପାରେ ବୋଲି ଆରବିଆଇ ଘରୋଇ କ୍ରିପ୍ଟୋକରେନ୍ସିକୁ ଦୃଢ ବିରୋଧ କରୁଛି। ରିଜର୍ଭ ବ୍ୟାଙ୍କ ଦ୍ୱାରା ବିକଶିତ ହେଉଥିବା ଡିଜିଟାଲ୍ ମୁଦ୍ରା ବ୍ଲକଚେନ ଆଧାରିତ ହୋଇପାରେ କିନ୍ତୁ ଘରୋଇ କମ୍ପାନୀଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ମୋବାଇଲ୍ ୱାଲେଟର ବର୍ତ୍ତମାନର ବ୍ୟବସ୍ଥା ପରି କାରବାରକୁ ଗୋପନ ନ ରଖି ସମସ୍ତ କାରବାରକୁ ଖୋଜିବାରେ ସକ୍ଷମ ହେବ। ତେବେ ଭର୍ଚୁଆଲ ମୁଦ୍ରା ପ୍ରଚଳନ ଭାରତରେ ନୂଆ ନୁହେଁ। ଦେଶରେ ଡିଜିଟାଲ ମୁଦ୍ରା ରଖିବା ଦିଗରେ ପ୍ରଥମ ପଦକ୍ଷେପ ନେଇ ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଇଲେକ୍ଟ୍ରୋନିକ୍ ଭାଉଚର୍ ଆଧାରିତ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ 'ଇ-ରୁପି' ଆରମ୍ଭ କରିଥିଲେ। ଭାରତ ସରକାର ଏବଂ ଆରବିଆଇ ମିଳିତ ଭାବେ ବ୍ଲକଚେନ ଆଧାରିତ ଏକ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି) ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାଙ୍କ ଫର୍ ଇଣ୍ଟରନ୍ୟାସନାଲ ସେଟେଲମେଣ୍ଟ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ବିଶ୍ୱର ୬୦% କେନ୍ଦ୍ରୀୟ ବ୍ୟାଙ୍କ ସିବିଡିସି ଟେକ୍ନୋଲୋଜି ସହିତ ପରୀକ୍ଷଣ କରୁଛନ୍ତି ଏବଂ ୧୪% ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି। ସେହିପରି ଚୀନ୍ ମଧ୍ୟ କିଛିଦିନ ପୂର୍ବରୁ ଅନେକ ସହରରେ ଏହାର ଡିଜିଟାଲ୍ ମୁଦ୍ରାର ପରୀକ୍ଷଣ ଆରମ୍ଭ କରିସାରିଛି, ଏବଂ ଏପରିକି ଚଳିତ ସପ୍ତାହରୁ ଆରମ୍ଭ ହେବାକୁ ଥିବା ବେଜିଂ ଶୀତକାଳୀନ ଅଲିମ୍ପିକ୍ସରେ ଆଥଲେଟ୍ ଏବଂ ଦର୍ଶକଙ୍କ ଦ୍ୱାରା ବ୍ୟବହାର ପାଇଁ ଏହାର ଡିଜିଟାଲ୍ ୟୁଆନ୍ ବାହାର କରିବାକୁ ଯୋଜନା କରିଛି। ଆମେରିକାର ଫେଡେରାଲ ରିଜର୍ଭ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ମଧ୍ୟ ସେମାନଙ୍କ ଅର୍ଥନୀତି ପାଇଁ ଡିଜିଟାଲ ମୁଦ୍ରା ପ୍ରଚଳନ ଦିଗରେ କାମ ଜାରି ରଖିଛନ୍ତି।

ତେବେ ଡିଜିଟାଲ ମୁଦ୍ରା ବା କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି) ପ୍ରଚଳନ ଦ୍ୱାରା ଏହା କୌଣସି ଆନ୍ତଃ-ବ୍ୟାଙ୍କ ସମାଧାନ ବିନା ଅର୍ଥ କାରବାର ସକ୍ଷମ କରିବା ସହିତ ମୁଦ୍ରା ପରିଚାଳନାର ମୂଲ୍ୟ ହ୍ରାସ କରିବ। ଏହା ଘରୋଇ ଭର୍ଚୁଆଲ୍ ମୁଦ୍ରା ବ୍ୟବହାରରୁ ଜନସାଧାରଣଙ୍କ କ୍ଷତିକୁ ମଧ୍ୟ କମ୍ କରିବ। ଏହା ଉପଭୋକ୍ତାଙ୍କୁ ଉଭୟ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ କାରବାର କରିବାକୁ ସକ୍ଷମ କରିବ ଯେଉଁଠି ତୃତୀୟ ପକ୍ଷ କିମ୍ବା ବ୍ୟାଙ୍କ ଆବଶ୍ୟକ ପଡିବ ନାହିଁ। ଏହାର ପ୍ରଚଳନ ଅନେକ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବାର ସମ୍ଭାବନା ଅଛି, ଯେପରିକି ନଗଦ ଉପରେ ନିର୍ଭରଶୀଳତା ହ୍ରାସ, କମ୍ ଟ୍ରାଞ୍ଜାକସନ୍ ଖର୍ଚ୍ଚ। ଏହା ସମ୍ଭବତଃ ଏକ ଅଧିକ ଦୃଢ, ଦକ୍ଷ, ବିଶ୍ୱସ୍ତ, ନିୟନ୍ତ୍ରିତ ଏବଂ ଆଇନଗତ ଟେଣ୍ଡର-ଆଧାରିତ ଦେୟ ବିକଳ୍ପକୁ ମଧ୍ୟ ଆଗେଇ ନେବ। ଏହି ସବୁ ଦିଗ ସହିତ ଡିଜିଟାଲ ମୁଦ୍ରା ପ୍ରଚଳନରେ କିଛି ସମସ୍ୟା ମଧ୍ୟ ଦେଖାଯାଇପାରେ। ଯେପରିକି ଆରବିଆଇର ପରୀକ୍ଷା ଅଧୀନରେ କିଛି ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ସିବିଡିସିର ପରିସର, ଅନ୍ତର୍ନିହିତ ଟେକ୍ନୋଲୋଜି, ବୈଧତା ପ୍ରଣାଳୀ ଏବଂ ବିତରଣ ସ୍ଥାପତ୍ୟ ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ଅନୁଯାୟୀ ମୁଦ୍ରାକୁ ଶାରୀରିକ ରୂପରେ ଦୃଷ୍ଟିରେ ରଖି ବର୍ତ୍ତମାନର ବ୍ୟବସ୍ଥା କରାଯାଇଥିବାରୁ ଆଇନଗତ ପରିବର୍ତ୍ତନ ଆବଶ୍ୟକ ହେବ। ମୁଦ୍ରା ଅଧିନିୟମ, ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଫେମା) ଏବଂ ସୂଚନା ପ୍ରଯୁକ୍ତି ଆଇନରେ ମଧ୍ୟ ଫଳାଫଳ ସଂଶୋଧନ ଆବଶ୍ୟକ ହେବ।

ଭର୍ଚୁଆଲ୍ ଡିଜିଟାଲ୍ ସମ୍ପତ୍ତି ପାଇଁ ଏକ ଟିକସ ବ୍ୟବସ୍ଥା ର ପ୍ରବର୍ତ୍ତନ ବୋଧହୁଏ ସରକାରଙ୍କ ଦ୍ୱାରା ଏହିପରି ସମ୍ପତ୍ତିର ବୈଧତାକୁ ସ୍ୱୀକୃତି ଦେବା ଦିଗରେ ଏକ ପଦକ୍ଷେପ। ଆଶା ହେଉଛି ଯେ ବର୍ତ୍ତମାନ ସରକାର କ୍ରିପ୍ଟୋ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ସହିତ ଆଗକୁ ଯାଇନପାରନ୍ତି। କୌତୁହଳର ବିଷୟ ହେଉଛି, ବ୍ଲକଚେନ୍ ଟେକ୍ନୋଲୋଜି ବ୍ୟବହାର କରି ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା (ସିବିଡିସି)ର ପ୍ରଚଳନ କିମ୍ବା ଆରବିଆଇ ଦ୍ୱାରା ଡିଜିଟାଲ୍ ଟଙ୍କା ମଧ୍ୟ କ୍ରିପ୍ଟୋ କ୍ଷେତ୍ରର ଗ୍ରହଣୀୟତା ତଥା ଭାରତରେ କ୍ରିପ୍ଟୋ ଆଇନଗତ ଭାବେ ବୈଧ ହେବା ଦିଗରେ ଏକ ପଦକ୍ଷେପ ହୋଇପାରେ।

*ଦାଣ୍ଡହରିପୁର, ଖଡ଼ିଅଙ୍ଗ, ଯାଜପୁର*
*ଦୂରଭାଷ : ୮୨୮୦୧୩୦୬୦୫*

# ବିକାଶର ମାଧ୍ୟମ, ଶୃଙ୍ଖଳିତ ଯୁବଶକ୍ତି



ପ୍ରଦୀପ୍ତ ଆଚାର୍ଯ୍ୟ

ମନୁଷ୍ୟ ଶରୀରର ଚାରିଗୋଟି ଅବସ୍ଥା ମଧ୍ୟରୁ, ଯୁବାବସ୍ଥା ହେଉଛି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅବସ୍ଥାରେ ଶକ୍ତି, ଶୌର୍ଯ୍ୟ, ଉଦ୍ଦାମତା, ନିସ୍ୱାର୍ଥପରତା, ସେବା ବା ଅନ୍ୟକୁ ସାହାଯ୍ୟ କରିବାର ଇଚ୍ଛା, ନିଜକୁ ବିଜ୍ଞାପିତ କରିବାର ଆକାଂକ୍ଷା ନେଇ କୌଣସି ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା , ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ଆଜି ଆମେ ଯେଉଁ ମାନଙ୍କୁ ମହାମାନବ ଦୃଷ୍ଟିରେ ଅବଲୋକନ କରୁଛେ, ଯେଉଁ ମାନେ ଆମର ଆଦର୍ଶ, ଯେଉଁ ମାନଙ୍କ କାର୍ଯ୍ୟଧାରା ଆମ୍ଭମାନଙ୍କୁ ଚମତ୍କୃତ ଓ ବିସ୍ମିତ କରିଛି, ସେମାନେ ଯୁବାବସ୍ଥାରେ ହିଁ, ସେମାନଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ଯୁବଶକ୍ତି ଦେଶର ରାଷ୍ଟ୍ରୀୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବନାହିଁ। ଗୋଟିଏ ରାଷ୍ଟ୍ର ବା ସମାଜର ବିନାଶ କିମ୍ବା ବିକାଶ ସବୁ ନିର୍ଭର କରେ, ଯୁବଶକ୍ତି ଉପରେ। ଦେଶର ବିକାଶ ଓ ଅଭିବୃଦ୍ଧି ନିର୍ଭର କରୁଛି, ସେହି ମାନଙ୍କ ମାନସିକତା ଉପରେ। ଦେଶ ପରାଧୀନତା ସମୟରୁ ଲକ୍ଷ୍ୟ କଲେ ମଧ୍ୟ, ସ୍ୱାଧୀନତା ପ୍ରାପ୍ତି ନିମନ୍ତେ, ସେମାନଙ୍କର ଅବଦାନକୁ ଆମେ ଅସ୍ୱୀକାର କରି ପାରିବା ନାହିଁ। ଆଜି କିନ୍ତୁ ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଯୁବକ ମାନଙ୍କ ମଧ୍ୟରେ ଶିଥୀଳତା, ଆତ୍ମକୈନ୍ଦ୍ରିକତା, ବିଶୃଙ୍ଖଳତା ସର୍ବୋପରି ହିଂସ୍ରତା ର ମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇ ଚାଲିଛି। ନିଶା ରାକ୍ଷସ କବଳରେ କବଳିତ ହୋଇ, ଯୁବ ସମାଜ ଆଜି ପଥଭ୍ରଷ୍ଟ, ହୀନବୀର୍ଯ୍ୟ, ଶକ୍ତିହୀନ ଏବଂ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ। କଣ ପାଇଁ ? କଣ ପାଇଁ ସେମାନଙ୍କର ଏ ଅଧୋପତନ? ଏଥିପାଇଁ କଣ ସେମାନେ ଦାୟୀ, ନାଁ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ଦାୟୀ, ନାଁ ରାଜନୈତିକ ନେତୃବୃନ୍ଦଙ୍କ ଉଦାସୀନତା ଦାୟୀ? ତାହା ଆଜିର ଦିନରେ ଗୁରୁତ୍ୱପୂର୍ଣ୍ଣ ବିଚାର୍ଯ୍ୟ ବିଷୟ।(୧) ଏହାର ପ୍ରଥମ ଓ ପ୍ରଧାନ କାରଣ ହେଲା ବେକାରୀ ସମସ୍ୟା। ଜନସଂଖ୍ୟା ବୃଦ୍ଧି ଏବଂ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ନିୟୋଜନ ସଙ୍କୋଚନ, ଏସବୁର ଅବସ୍ଥାର ମୁଖ୍ୟ କାରଣ।(୨) ପ୍ରଚଳିତ ଶିକ୍ଷା ପଦ୍ଧତି, ଯୁବକ ମାନଙ୍କୁ ଚାକିରୀ ଖୋଜିବାର ମାନସିକତାରୁ ମୁକ୍ତି କରାଇ ପାରୁନାହିଁ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବା ପରି ପର୍ଯ୍ୟାପ୍ତ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହୋଇପାରୁନାହିଁ।(୩) କଥାରେ ଅଛି, ଆଇଡିଲ୍ ମାଇଣ୍ଡ ଇଜ୍ ଡେଭିଲ୍ସ ଓାର୍କସପ୍। ଯୁବାବସ୍ଥାରେ ଉପଭୋଗ ନିମନ୍ତେ ଅର୍ଥର ଆବଶ୍ୟକତା ସାଙ୍ଗକୁ ଅର୍ଥ ରୋଜଗାରର ଅକ୍ଷମତା, ସେମାନଙ୍କୁ ନୈରାଶ୍ୟ ଭିତରକୁ ଟାଣିନେବା ସ୍ୱାଭାବିକ। ଗ୍ରାମାଂଚଳର ପାନ ଦୋକାନ ଠାରୁ ଆରମ୍ଭ କରି ସହରର ସରକାରୀ ଓ ବେସରକାରୀ ଚୋରା ସହଜ ଉପଲବ୍ଧ ନିଶାଦ୍ରବ୍ୟ ସାଙ୍ଗକୁ, ମୋବାଇଲରେ ନଗ୍ନ ତଥା ଅଶ୍ଳୀଳ ଦୃଶ୍ୟ ଅଗ୍ନିରେ ଘୃତ ସଂଯୋଗ ସଦୃଶ କାର୍ଯ୍ୟ କରୁଅଛି। ଟିଭି ପରଦାରେ ପ୍ରଦର୍ଶିତ ରାହାଜାନୀ, ଛିନତାଇ ପ୍ରଭୃତି ହିଂସାତ୍ମକ ମାର୍ଗରେ, କିପରି ଅର୍ଥ ରୋଜଗାର କରାଯାଇ ପାରୁଛିର ଦୃଶ୍ୟ, ସେମାନଙ୍କୁ ପ୍ରଭାବିତ କରି ସେ ଦିଗକୁ ଆକର୍ଷିତ ମଧ୍ୟ କରୁଛି।(୪) ସଂରକ୍ଷଣ ବ୍ୟବସ୍ଥା ତଥା ପ୍ରିୟାପ୍ରୀତି ତୋଷଣ ନୀତିରେ ନିଯୁକ୍ତି ପ୍ରଦାନ, ଦକ୍ଷତା ସମ୍ପନ୍ନ ଯୁବଗୋଷ୍ଠୀଙ୍କ ମାନସିକତାରେ ପ୍ରଜ୍ୱଳିତ କରୁଛି ବିଦ୍ରୋହାଗ୍ନି।(୫) ରୋଜଗାରକ୍ଷମ ହୋଇ ପାରୁ ନଥିବାରୁ, ବେଳେ ବେଳେ ପରିବା ସଦସ୍ୟ ମାନଙ୍କର, ସେମାନଙ୍କ ପ୍ରତି ହେୟଜ୍ଞାନ ଓ କଟ୍ୟୁକ୍ତି, ସେମାନଙ୍କର ମାନସିକତା ଉପରେ, ଅତ୍ୟନ୍ତ ନକରାତ୍ମକ ପ୍ରଭାବ ପକାଉଅଛି। ପରମ୍ପରା ଓ ଆଧୁନିକତା ମଧ୍ୟରେ ସୃଷ୍ଟ ସଙ୍ଘର୍ଷ ଯୋଗୁଁ, ବରିଷ୍ଠ ମାନେ ଯୁବଗୋଷ୍ଠୀଙ୍କୁ ଅପରିପକ୍ୱ ଏବଂ ଅନଭିଜ୍ଞ ବୋଲି ମନେ କରିବା ବେଳେ,ଯୁବଗୋଷ୍ଠୀ ବରିଷ୍ଠ ମାନଙ୍କ ପ୍ରତି ବେଖାତିର ମନୋଭାବ ଓ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି।(୬) ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ରୋଜଗାର କ୍ଷମ ହୋଇ ନପାରିବାରୁ, ଉପଯୁକ୍ତ ପାତ୍ରରେ ବିବାହ ସମ୍ପନ୍ନ ନହୋଇ ପାରିବା, ଆଜିକାଲି ସମାଜରେ ବହୁଳ ଭାବରେ ଦୃଷ୍ଟିଗୋଚର, ଯାହାକି, ଯୁବକ ଯୁବତୀ ମାନଙ୍କର ନୈରାଶ୍ୟତା ବୃଦ୍ଧିର କାରଣ। ୨୦୧୧ମସିହା ଜନଗଣନା ଅନୁଯାୟୀଯୁବଗୋଷ୍ଠୀ ଅନୁଯାୟୀ ଦେଶର ଦେଶର ମୋଟ ଜନସଂଖ୍ୟାର ଏକ ପଂଚମାଂଶ ବା ୧୯.୧ ପ୍ରତଶତ ହେଉଛନ୍ତି ଯୁବଗୋଷ୍ଠୀ। ସର୍ବଶେଷ ସର୍ବେକ୍ଷଣ ଅନୁସାରେ,୨୦୨୦ ମସିହାରେ, ମୋଟ ଜନସଂଖ୍ୟାର ୨୭ ପ୍ରତିଶତ ଯୁବଗୋଷ୍ଠୀ ବୋଲି ଆକଳନ କରାଯାଏ।


ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୨୮ ପ୍ରତିଶତ ହେଉଛନ୍ତି ଯୁବଗୋଷ୍ଠୀ, ଯେଉଁ ମାନଙ୍କର ଜାତୀୟ ଆୟରେ ୩୪ ପ୍ରତିଶତ ଅବଦାନ ରହିଅଛି। ଦେଶର ପ୍ରଗତି ଓ ଅଭିବୃଦ୍ଧି , ଯୁବଶକ୍ତିର ଦକ୍ଷତା, ଶୃଙ୍ଖଳତା ଏବଂ ମାନସିକତା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। କିନ୍ତୁ ଆଜିକାଲି, ଯୁବଗୋଷ୍ଠୀଙ୍କ ଦ୍ୱାରା, ଛାତ୍ର ଆନ୍ଦୋଳନ, ରାସ୍ତାରୋକ, ହରତାଳ, ଛୋଟ ଛୋଟ କଥାରେ ସରକାରୀ ବେସରକାରୀ ସଂପତି ନଷ୍ଟ ଏବଂ ଧନ ଜୀବନ ନଷ୍ଟ ଯେଉଁ ପରିମାଣରେ ବୃଦ୍ଧି ପାଇଛି , ତାହା ଅକଳ୍ପନୀୟ। ବେକାର ଯୁବକ ମାନଙ୍କର ନୈରାଶ୍ୟବାଦ ହିଁ ଏହାର ପ୍ରମୁଖ କାରଣ। କଣ କଲେ ଏସବୁ ସମସ୍ୟା ଦୁର କରା ଯାଇ ପାରିବ? (୧) ସର୍ବପ୍ରଥମେ ଯୁବକ ମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ। ଥରେ ରୋଜଗାର କରିବାର ମାର୍ଗ ପାଇଗଲେ, ସେମାନେ ଆଉ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବାରୁ କ୍ଷାନ୍ତ ରହିବେ, ଯାହାକି, ନିଜର, ନିଜ ପରିବାରର,ରାଜ୍ୟର ତଥା ଦେଶର ପ୍ରଗତି ପଥରେ ସହାୟକ ହେବ, ଏହା ନିଃସନ୍ଦେହ (୨) ଦୃତ ଗତିରେ ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ , ଦୃଢ ପଦକ୍ଷେପ ଗ୍ରହଣ ନକଲେ, ବେକାରୀ ସମସ୍ୟାର ସମାଧାନ କେବଳ ସ୍ୱପ୍ନରେ ହିଁ ସୀମିତ ରହିଯିବ।(୩) ଶିକ୍ଷା ସମାପ୍ତି ପରେ, କେବଳ ଚାକିରୀର ପଶ୍ଚାତ୍‌ଧାବନ ନକରି, କିପରି ସ୍ୱାବଲମ୍ବୀ ହୋଇ ପାରିବେ, ସେଥି ନିମନ୍ତେ ଗୁଣାତ୍ମକ, ଆକର୍ଷଣୀୟ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତନ କରିବା ସହିତ, ଯେଉଁମାନେ କୃଷି, ପଶୁପାଳନ, ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ ତଥା ବୈଷୟିକ ସହାୟତା ପ୍ରଦାନ କରି, ପ୍ରୋତ୍ସାହିତ କରିବା ଏକାନ୍ତ ଆବଶ୍ୟକ। (୪) ଯୁବକ ମାନଙ୍କୁ ଶୃଙ୍ଖଳିତ କରି, ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ, ନିଶାଦ୍ରବ୍ୟର ସହଜଲବ୍ଧତା ଏବଂ ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ରୋକ ଲଗାଇବା ନିହାତି ଜରୁରୀ। (୫) ଜାତିଭିତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରି, ଅର୍ଥନୈତିକ ସଂରକ୍ଷଣ ର ପ୍ରଚଳନ ତଥା ନିୟୋଜନ କ୍ଷେତ୍ରରେ ସ୍ୱଚ୍ଛତା, ଅନେକାଂଶରେ ଯୁବକ ମାନଙ୍କର ନୈରାଶ୍ୟ ଦୁରୀକରଣରେ ସହାୟ ହୋଇ ପାରିବ। (୬) ବରିଷ୍ଠ ମାନେ ଯୁବକ ମାନଙ୍କ ପ୍ରତି କଟ୍ୟୁକ୍ତି ପ୍ରୟୋଗ ପୂର୍ବକ ନିରୁତ୍ସାହିତ ନକରି, ସେମାନଙ୍କୁ ଶ୍ରଦ୍ଧା ତଥା ଆନ୍ତରିକତାର ସହିତ, ସତ୍ ମାର୍ଗରେ ପରିଚାଳିତ ହେବା ପାଇଁ, ସଦା ସର୍ବଦା ଉତ୍ସାହିତ କରିବାର ପ୍ରୟାସ ଜାରି ରଖିବା ଦରକାର। (୭) ନିଜର କାର୍ଯ୍ୟସିଦ୍ଧି ନିମନ୍ତେ, ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତି ମାନେ ଯୁବକ ମାନଙ୍କୁ ଅସତ୍ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟାବାହାର କରନ୍ତି। କିନ୍ତୁ କୌଣସି କାରଣରୁ , ଯଦି ସେମାନେ ଧରା ପଡିଗଲେ, ତେବେ ନିଜର ସମ୍ମାନ ହାନୀ ଭୟରେ,ତାଙ୍କୁ ସାହାଯ୍ୟ କରନ୍ତି ନାହିଁ। ଏଥିପ୍ରତି ଯୁବଶକ୍ତି ଯଥେଷ୍ଟ ସତର୍କ ରହିବା ଆବଶ୍ୟକ। (୮) ଆଜିର ଦୁନିଆରେ ନୈତିକତାର ଦ୍ରୁତ ହ୍ରାସ ଯୋଗୁଁ , ଆମ୍ଭେମାନେ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛେ, ତେଣୁ ଯୁବକ ମାନଙ୍କୁ ଶୃଙ୍ଖଳିତ କରି,ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ, ବିଦ୍ୟାଳୟ ସ୍ତରରୁ ନୈତିକଶିକ୍ଷା ବାଧ୍ୟତା ମୂଳକ କରିବା ଉଚିତ୍। ଦେଶର ଭବିଷ୍ୟତ ଯୁବକ ମାନଙ୍କ ହାତରେ,ସେମାନେ ଚାହିଁଲେ,ଦେଶରୁ ଅନେକ ସମସ୍ୟା ଯଥା- ଦୁର୍ନିତୀ,ଭ୍ରଷ୍ଟାଚାର,ଅଶିକ୍ଷା, ଆଂଚଳିକବାଦ, ଜାତିଆଣବାଦ, ସାଂପ୍ରଦାୟୀକତା,ଯୌତୁକ ପ୍ରଥା ଇତ୍ୟାଦି ଦୁର କରାଯାଇପାରିବ। ତେଣୁ ଆସନ୍ତୁ ଆମେ ସମସ୍ତେ,ସ୍ନେହ ଆନ୍ତରିକତା ପ୍ରଦର୍ଶନ ଏବଂ ସତ୍ ଉପଦେଶ ପ୍ରଦାନ ପୂର୍ବକ, ଯୁବଶକ୍ତିର ଦକ୍ଷତା ବୃଦ୍ଧିକରି, ସେମାନଙ୍କୁ ଦେଶ ପ୍ରେମରେ ବ୍ରତୀ କରାଇ, ଏ ପତନୋନ୍ମୁଖୀ ସମାଜକୁ ଏକ ଆସନ୍ନ ବିପଦରୁ ରକ୍ଷା କରିବା।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# କୁହୁକ ରାତି



ବିଜୟ କୁମାର ପଣ୍ଡା



(ଭାଗ-୧)

ଏହା ଏକ କାଳ୍ପନିକ ଧାରାବାହିକ। ଏହାର କୌଣସି ସାମାଜିକ, ଭୌତିକ ଘଟଣା କିଛି ବି ସାମଞ୍ଜସ୍ୟ ନାହିଁ।

ଗରିବ ପରିବାରରେ ଜନ୍ମ ବୁବୁର। ବିଧବା ମା', ବଡ଼ ଭଉଣୀକୁ ଛୋଟ ସଂସାର। ଗାଁର ଧୂଳି ଖେଳ, ସାଙ୍ଗ ସାଥୀଙ୍କ ସଙ୍ଗେ ମିଶି ନଈ ପହଁରା, ଗୋଟି ଖେଳ ଆଦିରେ ପିଲାଦିନ କଟିଯାଇଥିଲା। ପିଲାବେଳୁ ବୁବୁ ମେଧାବୀ ଛାତ୍ର ଥିଲା, ସେଥିପାଇଁ ଗାଁ ସ୍କୁଲ, ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ମାନଙ୍କ ସହାୟତା ତଥା ବିନା ଶୁଳ୍କରେ ଟ୍ୟୁସନ ପାଇ ମ୍ୟାଟ୍ରିକ ପରୀକ୍ଷା ରେ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲା। ଯୁକ୍ତ ଦୁଇ ପରେ ମେଡିକାଲ ଏଣ୍ଟ୍ରାନ୍ସ ରେ ବି କୃତକାର୍ଯ୍ୟ ହେଲା। ପଛୁଆ ବର୍ଗ ମେଧାବୀ ପିଲାଙ୍କ ପାଇଁ ଧାର୍ଯ୍ୟ ସ୍କଲାରସିପ ଦ୍ୱାରା ଦୂର ସହରରେ ମେଡିକାଲ କଲେଜ ପାଠପଢ଼ା ଆରମ୍ଭ କରିଥିଲା।

ବଡ଼ ଭଉଣୀର ବାହାଘର ହୋଇଯାଇଥାଏ।

ବୋଉଟି ତା'ର ପୁଅ ଝିଅ ଦୁହିଁଙ୍କୁ ପାଖରେ ନପାଇ ଟିକେ ଭାଙ୍ଗି ଯାଇଥିଲା।

ପୁଅ ତା'ର ପାଠପଢା ସାରି ଡାକ୍ତର ହେବ। ଈଶ୍ୱରଙ୍କ କୃପାରୁ ଯଦି ଗାଁ ପାଖ ମେଡିକାଲରେ ଚାକିରୀ ପାଇଯିବ ତାହେଲେ ଦଶ ଖଣ୍ଡ ଗାଁ ଲୋକଙ୍କ ସେବା କରିବ ଏମିତି କେତେ ସପନ ଦେଖୁଥାଏ।

ପ୍ରବଳ ଈଶ୍ୱରଙ୍କ ବିଶ୍ୱାସୀ ସେ, ଜଗା ଉପରେ ଭରସାକରି ପୁଅର ପାଠପଢା ଶେଷ ହେବା ଦିନକୁ ଚାହିଁ ରହିଥାଏ।

ସକାଳର ସୁରୁଜ ଉଇଁବା ପରଠୁଁ କେଉଁଠି କ୍ଷଣିକ ବସେନି। ଘର ଦୁଆର ଲିପା ପୋଛା, ବାସନ ମଜା, ଗାଧୁଆ ପାଧୁଆ, ଠାକୁର ପୂଜା ଏ ସବୁ ସାତଟା ପୂର୍ବରୁ ସାରିଦେଇ କ୍ଷେତ ବାଡ଼ି କାମରେ ଲାଗିଯାଏ।

ସେଦିନ ଝିଅ ଜ୍ୱାଇଁ ଘରକୁ ବୁଲି ଆସିଥିଲେ। ଝିଅ ସହ କଥା ହେଉ ହେଉ ସେ ଆଭାସ ପାଇ ଯାଇଥିଲା ଯେ ବୁବୁ ତାର କ୍ଲାସରେ ପଢୁଥିବା ଜଣେ ବଡ଼ ଲୋକ ଘରର ଝିଅକୁ ଭଲପାଉଛି। ମନରେ ତାର ବଡ଼ ଆଶଙ୍କା, ଆମ ଭଳି ସାଧାରଣ ମଣିଷ ମାନେ ବଡ଼ ଲୋକଙ୍କ ସମକକ୍ଷ! କାହିଁକି ପୁଅଟା ଏମିତି ଭୂଲ କରୁଛି ?

ଦୀର୍ଘ ଛ'ମାସ ପରେ ପୁଅ ଥରେ ଗାଁକୁ ବୁଲି ଆସିଥିଲା। କେବେ ଟଙ୍କା ପଇସା ନ ମାଗିବା ପିଲା ବୁବୁ ସେଥର ମା'କୁ କିଛି ଟଙ୍କା ମାଗିଥିଲା।

'ପୁଅର ପାଠ ପଢିବାରେ କିଛି ଅସୁବିଧା ନହେଉ..' ଏଣୁ ମା' କିଛି କାରଣ ନ ପଚାରି ବଢ଼ାଇ ଦେଇଥିଲା ବର୍ଷଯାକ ସଞ୍ଚୟ କରି ରଖିଥିବା ଟଙ୍କା ତକ।

ପାଠପଢ଼ା, ପ୍ରାକ୍ଟିକାଲ ଲାବ, ଆସାଇନମେଣ୍ଟ ଆଦି ସବୁ ଥିରେ ବୁବୁ ଥାଏ ଆଗରେ। ଆଉ ସେଥିପାଇଁ ବୋଧେ ସାଙ୍ଗ ସାଥି ମାନେ ବହୁତ ଆଦର କରନ୍ତି ତାକୁ। ସେଇଠୁ ଆରମ୍ଭ ହୋଇଥିଲା ଲୁସି ସହ ସମ୍ପର୍କ। ଲୁସି ବୁବୁକୁ ତାର ସବୁ ଆସାଇନମେଣ୍ଟ ଲେଖିବାକୁ ଦେଇଦିଏ। ବୁବୁର ସବୁ ନୋଟ୍ସ ବି ଆଗେ ଲୁସି ପାଖେ ପହଞ୍ଚେ ଆଉ ତାପରେ ଅନ୍ୟ କାହା ପାଖେ ଜେରକସ ହୋଇ। ସାଥୀହେଇ ଲାବ ପ୍ରାକ୍ଟିକାଲ, କ୍ଲାସ , ଅଡ଼ି ଟୋରିଅମ.. ଲାଗିଯାଇଥିଲା ସମ୍ପର୍କର ଡୋରୀ। ଦୁହେଁ ଦୁହିଁଙ୍କର ନିବିଡ଼ ହୋଇଯାଇଥିଲେ।

ଗାଁରୁ ଫେରି ଲୁସି ପାଇଁ ଏକ ପେଣ୍ଡାଣ୍ଟ ଗିଫ୍ଟ ଧରି ହଷ୍ଟେଲରେ ପହଞ୍ଚିଲା। ଏଥର ବୁବୁ ଆଉ ଲୁସି ର ସେକ୍ସନ ଅଲଗା ହୋଇଯାଇଥିଲା। ତେଣୁ ସିଧା ସଳଖ ଲାବ ପ୍ରାକ୍ଟିକାଲ ହଲକୁ ଚାଲିଯାଇଥିଲା ବୁବୁ।

ଲାବ ପ୍ରାକ୍ଟିକାଲ ସାରି ସମସ୍ତେ ଫେରିଯାଇଥିଲେ। ରାତି ହେଯାଇଥିଲା, ପ୍ରାକ୍ଟିକାଲ ସାରିବା ପରେ ଲାବରେ କିଛି ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଧ୍ୟାନ ଦେଇ ନୋଟ୍ସରେ ଲେଖା ଲେଖି କରୁଥାଏ ବୁବୁ। ହଠାତ ଗୋଟିଏ ଝିଅର ହସ ଶୁଣି ଧ୍ୟାନ ହଟିଲା ବୁବୁର। ଝରକା ଦେଇ ବାହାର ଆଡ଼କୁ ନିରେଖି ଚାହିଁଲା ବୁବୁ। କିଟି କିଟି ଅନ୍ଧାର, କାହିଁ କିଛି ଦିଶୁ ନଥିଲା, ନଜର ଫେରେଇ ପୁଣି ନୋଟ୍ସ ଲେଖିବାରେ ଧ୍ୟାନ ଦେଲା ବୁବୁ।

ଲାବର ପଛ ପଟକୁ ଘଞ୍ଚ ଗଛ ଲତା ଥାଇ ଛୋଟିଆ ଜଙ୍ଗଲ ଭଳି ଜାଗାଟିଏ ଥାଏ। ଲାବରୁ ସେ ଜାଗା ମଧ୍ୟରେ ମାତ୍ର ଗୋଟିଏ ଷ୍ଟ୍ରିଟ ଲାଇଟ। କିଛି ସମୟ ପରେ ପୁଣି ପୂର୍ବ ପ୍ରକାର ହସ ଶୁଣି ଏଥର ମନରେ ସନ୍ଦେହ ଆସିଲା ବୁବୁର। ବ୍ୟାଗ ଧରି ଲାବରୁ ବାହାରକୁ ବାହାରିଗଲା। ଶବ୍ଦକୁ ଅନୁସରଣ କରି ଲାବ ପଛ ପଟ ରାସ୍ତାରେ ଆଗେଇବାକୁ ଲାଗିଲା। କିଛି ପାଦ ଗଲାପରେ ସେ ଲୁସିର ସାଙ୍ଗ ମିନୁକୁ ଦେଖି ଟିକେ ଆଶ୍ୱସ୍ତ ହେଲା, କିନ୍ତୁ ମନେ ମନେ ଭାବୁଥିଲା ରାତି ରେ ଏକୁଟିଆ ଏ ଏଠି କଣ କରୁଛି !

କିଛି ଦୂର ଗଲାପରେ ମିନୁ ହଠାତ ରାସ୍ତା ମଝିଟାରେ ବସି ପଡ଼ିଲା। 'ଏ ମିନୁ..। ତୁ ରାତିରେ ଏକୁଟିଆ ଟା ଏଠି କଣ କରୁଛୁ ? ଆଉ ଲୁସି କୁଆଡ଼େ ଗଲା ? ତୁମେ ଦୁହେଁ ତ କଲେଜରେ ପ୍ରାୟ ସମୟରେ ସାଥିରେ ଥାଅ।'

ଏଥର ହସ ପରିବର୍ତ୍ତେ ଧିରେ ଧିରେ କାନ୍ଦ ଶୁଭିବାକୁ ଲାଗିଲା। ମିନୁ କହିଲା 'ଲୁସି କଥା କଣ ତୁ ଜାଣିନୁ ?'

'ନାହିଁ ,ମୁଁ ତ ଗାଁରୁ ଫେରି ସିଧା କଲେଜ ପହଂଚିଲି। ତା ଛଡ଼ା ଲୁସିର ଆଉ ମୋର ସେକ୍ସନ ଅଲଗା ହେଇ ଯାଇଛି ଏଇ ସେମିଷ୍ଟରରେ ..।'

'ଜଲ୍‌ଦି ଯା.. ଲୁସି କଥା ବୁଝିବୁ ଶୀଘ୍ର ଯା। ମୁଁ ଆସୁଛି..'କହି ମିନୁ ଜୋର ଜୋର ରେ ପାଦ ଉଠେଇ ଲାବ ରାସ୍ତା ଦେଇ କଲେଜ ଆଡ଼କୁ ଚାଲିବାକୁ ଲାଗିଲା।

ଦେଖୁ ଦେଖୁ ସେ କଲେଜ ଭିତରକୁ ଯାଇ କୁଆଡ଼େ ଉଭାନ ହେଇଗଲା ଯେମିତି। ବୁବୁ ତା ପିଛା କରି କଲେଜ ସାରା ଆସି ଖୋଜି ଖୋଜି ବିଫଳ ହେଲା ..।

(କ୍ରମଶଃ..)

ସମ୍ପାଦକ -କନକପ୍ରଭା
ସବଙ୍ଗ, ସିମୁଳିଆ, ବାଲେଶ୍ୱର,
ଯୋଗାଯୋଗ : ୯୭୩୯ ୫୯୧୮୧୬



# କବିତା କଥା

## ଗଜାନନ ମିଶ୍ର



ନ କହିବା ଭଲ।
କହିଲି ଥରେ,
କଚାଡି ଦେଲେ ମୋବାଇଲ।
କହିଲି ଆଉ ଥରେ,
ନିଜ ଆଖିକୁ ଦେଲେ ତାଡି।
ଆଉ କହିଲେ,
ନିର୍ଲଜ ଏ କବି।
ଚେର ଧରି ଦେଉଛି ଉପାଡି।
ନାଇଁ ଏବେ ଆଉ
ସଂପର୍କ କିଛି।
ତୁ ତୁ ମେଁ ମେଁ ଛି ଛି।
ଯେ ଯୁଆଡେ, ଯେ ଯୋଠି,
ହଠ ଯୋଗର ପିଠି।
ନାଇଁ ଏବେ ସମୟ-ଲାଠି।
ନ ଦେଖିବା ଭଲ,
ଦେଖିଲେ କହିବ,
ଯେ ଏମିତି କେମିତି ହେବ!
ଆଉ ଯୋଉଟା ହୋଇଛି
କିଏ କେମିତି ଜାଣିବ
ଆଉ ଜାଣିଲେ କୋଉଠି
କେମିତି ରଖିବ!
ଆଉ କହିଲେ କହିବ
କିଛି ନ ଶୁଣିବା ଭଲ।
ଶୁଣିଲେ ମଲ।
ମଲେ କହିବ
ଆଉ କଣ କଣ
କେମିତି କୋଉଠି ହେବ।
ଏ ହେବା ଆଉ ନ ହେବା ଭିତରେ
ରହିଛି କବିତା ଇ!

ତପୋବନ, ଟିଟିଲାଗଡ, ବଲାଙ୍ଗିର

# ମୁଁ ପାଗଳ ଭଅଁର ଟିଏ

## ରମେଶ ଚନ୍ଦ୍ର ନାୟକ



ଫୁଲେ ଫୁଲେ ବୁଲି ମଧୁ ଶୋଷି ଥାଏ
ମୁଁ ପାଗଳ ଭଅଁର ଟିଏ
ପ୍ରସ୍ଫୁଟିତ ଫୁଲେ ଦୃଷ୍ଟି ମୋ ପଡ଼ିଲେ
ପ୍ରୀତି ମୈତ୍ରୀ ଗୀତ ଗାଏ।
ମଧୁ ବାସ୍ନା ମୋତେ କରେ ବାଟବଣା
ଧାଇଁ ଯାଏ ଶୁଣ୍ଢ ମେଲି
ଟିକି ଡେଣା ଝାଡି ଫୁଲ କାନେ କୁହେ
ତା'କୁ ଭଲ ପାଏ ବୋଲି।
ଶୁଣି ମୋର କଥା ହଲାଏ ସେ ମଥା
ଦୋଳି ଖେଳେ ଗଛଡାଳେ
କହେ ଛୁଇଁ ଦେଲେ ଈଶ୍ୱର ରାଗିବେ
ଅସତୀ ହୋଇବ କାଳେ।
ଜୀବନ ତୋହର ଦିନେ ଦି' ଦିନର
ମଉଳିବ ଯଉବନ
କିଶ ତୋ'ର କ୍ଷତି ମୋ ସାଥେ ପୀରତି
କରିବାକୁ ନାହିଁ ମନ।
ପ୍ରଭୁ ପୂଜା ପାଇଁ ଜନ୍ମ ହୋଇ ଥାଇ
ଫୁଲ କହେ ଝରି ଲୁହ
ପ୍ରଭାତ ପ୍ରହରୁ ଭକ୍ତ ତୋଳିନିଏ
ରଖଇ ପ୍ରଭୁଙ୍କ ସହ।
ତୋ' ପ୍ରେମ ନଈରେ ହେବି ନାଉରୀଆ
କଥା ମୋର ମାନି ନିଏ
ତୋ' ମଧୁ ଶୋଷିବି ବଂଶ ବଢାଇବି
ମୁଁ ପାଗଳ ଭଅଁର ଟିଏ।

କେଶରପୁର , ବକ୍ସି ବଜାର , କଟକ
ଦୂରଭାଷ : ୭୯୭୮୧୫୧୭୧୦

# ପ୍ରତିଶ୍ରୁତିର ଋତୁରେ

## ସୁବ୍ରତ କୁମାର ସେନାପତି



ଦେଖଦେଖ ଶବ୍ଦ ମାନେ କଅଁଳି ଉଠିଲେଣି
ଏ ପ୍ରତିଶ୍ରୁତିର ଋତୁରେ
ତୁମଗଳିରେ,ପଚାନାଳିରେ,ମାଟିକାଂଥରେ
ସେ କଅଁଳ ପର୍ବର ଅୟମାରମ୍ଭରେ
ମଥାନରୁ ଶୁଭିଲାଣି କୋଇଲିର କୁହୁତାନ
ପୁଣି ଆଉ କିଛି ବଣଶୁଆ ଆପେଆପେ ଆସି
ମଣିଲେଣି ପୋଷା,ଗାଇଲେଣି କେତେକେତେ
ଘୋଷା ଗୀତା।
କିନ୍ତୁ ତୁମର ମନେ ଅଛି ତ !
ପତ୍ରଝଡାର ଋତୁରେ
ତୁମ ଘର ଅଗଣାରେ ଶୁଭିଥିଲା
କେମିତି କାଉର ରା ରା ଶବ୍ଦ
ସେଇ କଳାରଙ୍ଗର ପ୍ରଲେପ ଭିତରେ ତ
ଆସିଛି ଏ ପିକ, କିଏ ଜାଣେ କେତେବେଳେ
ବଦଳିଯିବ ତାର ସ୍ୱର !
ଏ ଯେଉଁ ଶୁଆ ଦଳ ଆସି ବୋଲୁଛନ୍ତି ହରିହରି
ମନେଅଛି ଏଇ ମାନେ ତ ଦିନେ
ଖୁଣ୍ଟିଖାଣ୍ଟି କରି ନାଲିଆ ଥଣ୍ଟରେ
ନେଉଥିଲେ ଲୁଟି
ତୁମ ମକାର ଦାନା
ଆଉ ତୁମେ ଚିପୃଟାଙ୍ଗ ହୋଇ
ଯାଇଥିଲ ପଡ଼ି ଏ ଟାଙ୍ଗରା ଭୂଇଁରେ।
ମନେରଖ !
ପ୍ରତିଶ୍ରୁତିର ଏ ଋତୁରେ
ଏମିତି ଏ କୋଇଲି ମାନେ,ଶୁଆ ମାନେ
ତୁମକୁ ନେଇଯାଉଥିବେ
ଏକ ନିଘଞ୍ଚ ଅରଣ୍ୟ ଭିତରକୁ
ଯେଉଁଠି ଗଛରେ ଝୁଲୁଥିବ
ଈଷତ ହଳଦୀ ରଂଗର ଫଳ ସବୁ
ସେ ଫଳର ଲୋଭ ଦେଖାଇ
ଗଛର କଣ୍ଟାରେ ତୁମ ହାତ ବଜାଇ
ଆଦାୟ କରିନେବେ ଆଙ୍ଗୁଳିର ରକ୍ତଛାପ
ଆଉ ତା ପରେ ବାଛିନେବେ ସେମାନେ
ନିଜ ନିଜର ଆକାଶ
ଲମ୍ଵାଲମ୍ବା ହାତ ବଢ଼ାଇ
ତୋଳି ନେଉଥିବେ ସେଇସବୁ ଦରପାଚିଲା ଫଳ
ଯାହା କେବେ ନଥିଲା
ତୁମ ଅମାରର,ଭାତହାଣ୍ଡିର,ଉଜୁଡ଼ା କ୍ଷେତର।

ପୁଷ୍ପ ଓ ଭୂଭାଗ ଦୃଶ୍ୟଉଦ୍ୟାନ ବିଭାଗ
ଭୁବନେଶ୍ୱର
ଫୋନ:୭୯୭୮୧୬୮୧୯୩

# ବିଶ୍ୱାସ ଘାତକ ମାଙ୍କଡ

## ଅମରନାଥ ବାରିକ୍



ନିରୋଳା ଘଞ୍ଚ ଜଙ୍ଗଲ, ଝରଣାର କୁଳୁକୁଳୁ ଶବ୍ଦ ଏବଂ ପକ୍ଷୀ ମାନଙ୍କର କିଚିରି ମିଚିରି ସ୍ୱରରେ ଗୁଞ୍ଜରୀତ ହୋଇ ଉଠେ ଏହି ଅରଣ୍ୟ। ନାନା ପ୍ରକାର ରଙ୍ଗୀନ ଫୁଲରେ ଶୋଭିତ ସୁମଧୁର ଫଳରେ ମଣ୍ଡିତ ହୋଇଥାଏ ଏହି ସବୁଜିମା ଭରା ବନ। କେଉଁଠି କେଉଁଠି ରହିଛି ପାହାଡ଼ ପର୍ବତ ତ କେଉଁଠି ରହିଛି ଛୋଟବଡ଼ ଗୁମ୍ଫା। ତା' ମଧ୍ୟରେ ବାସ କରନ୍ତି ଅନେକ ଜାତି ପ୍ରଜାତିର ଜୀବଜନ୍ତୁ। ଠିକ୍ ଏହି ଜଙ୍ଗଲ ତା'ର ମଝିରେ ଅଙ୍କାବଙ୍କା ହୋଇ ଏକ ରାସ୍ତା ଲମ୍ବି ଯାଇଛି ଅନେକ ଦୂରକୁ।

ଏକ ଗଛ ଡାଳରେ ବସି ମାଙ୍କଡ଼ଟିଏ ଚିନ୍ତାମଗ୍ନ ହୋଇ ଚାହିଁ ରହିଥାଏ ସେହି ରାସ୍ତା ଆଡ଼କୁ। ଠିକ୍ ସେହି ସମୟରେ ସେଇ ବାଟ ଦେଇ ତା'ର ପରିଚିତ ଗଧଟି ଆସିଲା ଯାହା ଉପରେ ନଜର ଥିଲା ଏହି ମାଙ୍କଡ଼ର! ମାଙ୍କଡ଼ ଖୁବ ଉଚ୍ଚ ସ୍ୱରରେ ଡାକିଲା ସେହି ହୃଷ୍ଟପୃଷ୍ଟ ବଳିଷ୍ଠ ଚେହେରା ଥିବା ଗଧକୁ।

ହୋ... ଗଧ ଭାଇନା! ଏତେ ସକାଳୁ ସକାଳୁ ଉଠି କୁଆଡ଼େ ଯାଉଛ ? କ'ଣ କେଉଁଠି ନିମନ୍ତ୍ରଣ ଅଛି ନା କ'ଣ ? ମୁଁ ତ ସମସ୍ତଙ୍କ ମୁହଁରୁ ତୁମର ପ୍ରଶଂସା ଶୁଣୁଛି ! ସତରେ ତୁମେ ଜଣେ ନିରୀହ ଏବଂ ପରିଶ୍ରମୀ ପଶୁ। କାହିଁକି ନା ମଣିଷ ତୁମ ପିଠିରେ ଯେତେ ବି ଭାରି ଜିନିଷ ରଖିଦିଏ ତୁମେ ତାହା ପ୍ରାଣପଣେ ବୋହି ନେଇଯାଅ। କାହାରିକୁ କିଛି କୁହ ନାହିଁ। ବିନା ପ୍ରତିବାଦରେ ସବୁ କାମ କରିଥାଅ। ହେଲେ ମୁଁ ଆଜି ଗୋଟେ କାମ କହିବି ଦୟାକରି ମୋ କାମଟି କରିଦେବ ତ ?

ଏଥର ଗଧ ଭାଇନା ହସି ହସି କହିଲା। ହଁ ଭାଇ ମୁଁ ନିଶ୍ଚୟ କରିବି ହେଲେ କାମଟି କ'ଣ କୁହ ତ ? ମାଙ୍କଡ କହିଲା 'ମୁଁ ଅନେକ ଦିନ ହେଲାଣି ମୋ ମାମୁଁ ଘରକୁ ଯାଇନାହିଁ। ମୋ ବାଘ ମାମୁଁ ଆଉ ବାଘୁଣୀ ମାଇଁ ଖବର ଦେଇଛନ୍ତି ମୁଁ ଯିବି। ତୁମେ ଟିକେ ତୁମ ପିଠିରେ ମୋତେ ବସେଇ ନେଇ ସେଠାରେ ଛାଡ଼ି ଦିଅ।'

ହେଲେ ମାଙ୍କଡ଼ର ଚତୁରତାକୁ ଗଧ ଆଗରୁ ଜାଣିଥିଲା ବୋଲି ମାଙ୍କଡ଼କୁ ଜଣା ନଥାଏ। ପୂର୍ବ ଦିନ ମାଙ୍କଡ଼ ସେହି ଜଙ୍ଗଲରେ ଥିବା ଗୁମ୍ଫା ଆଡ଼କୁ ବୁଲିବାକୁ ଯାଇଥିଲା। ବୁଲୁ ବୁଲୁ ସେଠାରେ ବାଘ ଓ ବାଘୁଣୀଙ୍କ ହାବୁଡରେ ପଡିଥିଲା। ମାଙ୍କଡ଼ର ନରମ ଶରୀରକୁ ଦେଖି ବାଘୁଣୀ ଖାଇବ ବୋଲି କହିବାରୁ ବାଘ ମାଙ୍କଡ଼କୁ ଅଟକାଇଥିଲା। କିନ୍ତୁ ମାଙ୍କଡ଼ ତ ଅତି ଚତୁର! ସେ ବାଘକୁ କହିଲା 'ବାଘ ମାମୁଁ, ମୋତେ ଖାଇଲେ କିଛି ଲାଭ ହେବ ନାହିଁ। କାହିଁକି ନା ମୋ ଶରୀର ଏତେ ଛୋଟ ତୁମ ପେଟ ଭରିବ ନାହିଁ। ମୋତେ ଗୋଟେ ସୁଯୋଗ ଦିଅ, ମୁଁ ଯାଉଛି ମୋର ଜଣେ ଚିହ୍ନା ଗଧ ଅଛି ତା'ର ବିଶାଳ ଆକାର ଶରୀର। ତାକୁ ଖାଇଲେ ତୁମ ଦୁହିଁଙ୍କର ପେଟ ଭରିଯିବ ଏବଂ ସ୍ୱାଦିଷ୍ଟ ଲାଗିବ।

ଏହି କଥାଟିକୁ ଦୂରରୁ ଛକି ବସି ଶୁଣୁଥିଲା ବିଲୁଆ। ସେ ଯାଇ ତା'ର ମଇତ୍ର ଗଧକୁ କହିଥିଲା। ଏବେ ଗଧ ମାଙ୍କଡ଼କୁ କହିଲା, 'ହୋ.. ମାଙ୍କଡ଼ ନନା ମୁଁ ତ ଦେଖୁଛି ତୁମେ ବଡ଼ ବିଶ୍ୱାସ ଘାତକ! ମୁଁ ଜଣେ ଗଧ ହୋଇଥାଇ ପାରେ, ହେଲେ ମୋରବି ତ ଅଳ୍ପ ବହୁତ ଜ୍ଞାନ ଅଛି। ବାଘମାମୁଁ ଗୁମ୍ଫାକୁ ଯାଇ କେହି ଫେରିଲାଣି ? ତୁମେ ଚତୁର କୁମ୍ଭୀରକୁ ସିନା ଠକିଦେଇ ମଝି ନଈରୁ ପଳେଇ ଆସିଥିଲ। ଗଛ କୋରଡରେ କଳିଜା ରଖିଛ ବୋଲି କହି। ସେମିତି ମୋତେ ଠକିଦେଇ ବାଘ ଓ ବାଘୁଣୀ ମୁହଁରେ ଦେବାକୁ ବସିଛ। ତୁମେ ବିଶ୍ୱାସ ଘାତକ କାହାଣୀ ମୋର ବିଲୁଆ ମଇତ୍ର ଠାରୁ ମୁଁ ଶୁଣି ସାରିଛି।' ଏଥର ମାଙ୍କଡ଼ ନିରୁପାୟ। ବାଘ ବାଘୁଣୀଙ୍କୁ ଯେତେ ବାଟ ଭାଙ୍ଗି ଯିବାକୁ ଚେଷ୍ଟା କଲା ଦିନେ ଧରା ପଡିଗଲା। ଉଚିତ ଶିକ୍ଷା ପାଇଲା, ବାଘୁଣୀ ତାକୁ ଖାଇଲା।


କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ-୭୫୫୦୧୧
ଦୂରଭାଷ : ୯୫୪୦୩୦୮୦୯୫

# କବିତାର କଥା

(ଭାଗ-୫୬)



ଉମାକାନ୍ତ ରାଉତ



## ମାଟି ବିନା ମାଟି ହେଇଯାଏ କବିତା

ଏଠାରେ ପ୍ରସଙ୍ଗକ୍ରମେ ଆଧୁନିକତାର ପୃଷ୍ଠଭୂମିରେ କବିତାର ସ୍ୱରକୁ ଯଥାସାଧ୍ୟ ବିଚାର କରା ନଗଲେ ଏହା ଓଡ଼ିଆ କାବ୍ୟଧାରା ପରିପ୍ରେକ୍ଷୀରେ ଏକ ଅବିଚାରଯୋଗ୍ୟ କର୍ମ ହେବ ବୋଲି ମୋର ବିଶ୍ୱାସ। ଭୀମ ଭୋଇଙ୍କଠାରୁ ଓଡ଼ିଆ କବିତାର ଜୀବନବାଦ ଓ ଆଧୁନିକତା କେମିତି ଆରମ୍ଭ ହୋଇଛି ତାହା ପୂର୍ବରୁ କୁହାଯାଇସାରିଛି। କହିବା ବାହୁଲ୍ୟ ଯେ ଆଧୁନିକତା ଏକ ଯୁଗ ନୁହେଁ, କାଳଖଣ୍ଡର କଥା ନୁହେଁ କି କୌଣସି ସମୟ ସୂଚକାଙ୍କ ନୁହେଁ। ଏହା ଯଥାର୍ଥରେ ଏକ ବୃହତ୍ତର ସାମାଜିକ ଚେତନା ବୋଲି ମୁଁ ହୃଦବୋଧ କରେ। ତେଣୁ କାଳଖଣ୍ଡକୁ ନେଇ ନାମକରଣ କରାଯାଉଥିବା କୌଣସି ଯୁଗର ସୂତ୍ରରେ ଏହାକୁ ବାନ୍ଧିବା ଅସମୀଚୀନ ମନେ ହୁଏ। ଆଧୁନିକତା ଏକ ଆପେକ୍ଷିକ ଶବ୍ଦ। ସାହିତ୍ୟର ସଂରଚନା, ଆଙ୍ଗିକ, ଆତ୍ମିକ, ଦୃଷ୍ଟିଭଙ୍ଗୀ ଆଦିର ବ୍ୟାପକ ପରିବର୍ତ୍ତନ ଯେତେବେଳେ ତାକୁ ଅତୀତର ପରମ୍ପରା ପାଖରୁ ମୁକ୍ତ କରି ସମକାଳ ସହ ସମତାଳରେ ଚାଲିବାକୁ ପ୍ରେରିତ କରେ, ସେତେବେଳେ ସାହିତ୍ୟ ହୁଏ ଆଧୁନିକ।

ସର୍ଜନମୁଖୀ ସାହିତ୍ୟର କାୟାକଳ୍ପରେ ଆଧୁନିକତାର ବିଚରଣ ହୋଇଛି ବୋଲି କୁହାଯାଏ, ଯେତେବେଳେ ତାହା ଜନଗଣମୁଖୀ ଆଚରଣର ପ୍ରଦର୍ଶନ କରେ। ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବିଶ୍ଳେଷଣ କଲେ ଲକ୍ଷ୍ୟ କରାଯାଏ ଯେ ସେଥିରେ ଖୁବ୍ ମାତ୍ରାରେ ପ୍ରଭାବ ବିସ୍ତାର କରିଥିଲା ପ୍ରେମାନୁଭବ ଓ ଭାଗବତ ଭାବ। ପଞ୍ଚସଖା ଯୁଗର ସାହିତ୍ୟରେ ସାହିତ୍ୟର ସ୍ୱର ପ୍ରାର୍ଥନା ହୋଇଥିଲାବେଳେ ରୀତି ଯୁଗର କାବ୍ୟରଚନାକୁ ବହୁଳଭାବେ ସଂକ୍ରମିତ କରିଥିଲା ଛଳନା। ସେଥିପାଇଁ ପଞ୍ଚସଖା ଯୁଗର ସାହିତ୍ୟକୁ ମନ୍ତ୍ର ସାହିତ୍ୟ ବୋଲି କୁହାଯାଇଥାଏ। ସେହିଭଳି ଭଞ୍ଜଯୁଗର ସାହିତ୍ୟରେ ରହିଛି ଶବ୍ଦର ଆଡ଼ମ୍ବର। ଅତଏବ ଏହିସବୁ ସର୍ଜନାରେ ଗଭୀର ପ୍ରେମାନୁଭବ, ଭଗବତ୍ କୃପା, ପ୍ରାର୍ଥନା, ମନ୍ତ୍ର, ଭାଗ୍ୟ, କରୁଣା, ଛଳନା, ଅବାସ୍ତବ ଆଡମ୍ବରୀୟ କଳ୍ପନା ଆଦି ମୁଖ୍ୟ ବିଭବ ହୋଇଥିବାରୁ ଏହା ଜୀବନର ସକଳ ସମ୍ଭାବନାକୁ ସର୍ଜନାର ପରିସରକୁ ନେଇପାରିନାହିଁ ଅଥବା ଅନ୍ୟଭାବରେ କହିଲେ ଏଡ଼ାଇ ଦେଇଛି। ଏସବୁରେ ପ୍ରାୟତଃ ଜୀବନଯନ୍ତ୍ରଣାର ସ୍ୱର ନାହିଁ। କେବଳ ଶୁଭୁଛି କୃଷ୍ଣଙ୍କ ମୋହନ ବଂଶୀର ସମ୍ମୋହନ, ରାଧାକୃଷ୍ଣଙ୍କ ପରକୀୟା ଓ ଗୋପଗୋପୀକାମାନଙ୍କର ନୂପୁର ନିକ୍ୱଣ। ହେଲେ କୃଷ୍ଣଙ୍କ ଘଟଣାବହୁଳ କିମ୍ବଦନ୍ତୀପୂର୍ଣ୍ଣ ସମଗ୍ର ଜୀବନ ଏହାଠାରୁ କାହିଁ କେତେ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତର ଏବଂ ଏହି ଲୀଳାଧ୍ୟାୟଟି ଯେ ସେ ସମଗ୍ରତାର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ଏକଥାକୁ ପାଶୋରି ଦିଆଯାଇଛି ଆପଣାର ଇନ୍ଦ୍ରିୟାନୁଭୂତିର ମାପକାଠିରେ।

ହେଲେ କବି ଭୀମଭୋଇଙ୍କର ଜୀବନବାଦୀ ଆଧୁନିକତାର ସ୍ୱର ପୁରାଣ ଓ ପ୍ରେମକାବ୍ୟ ପରମ୍ପରାରୁ ଓଡିଆ କବିତାକୁ ମୁକ୍ତକରି, ଦେଇଛି ଆଧୁନିକତାର ସ୍ପର୍ଶ। ସେଥିପାଇଁ ତାଙ୍କୁ ଓଡ଼ିଆ କବିତାରେ ଆଧୁନିକତାର ପ୍ରଥମ ପ୍ରୟୋଗବାଦୀ କବି ବୋଲି ଏ ଲେଖକ ପୂର୍ବରୁ କହିସାରିଛି। ସଂସାରର ଜାତନା-ଜ୍ୱାଳା-ସଂଘାତକୁ ନେଇ, ବାସ୍ତବତା ଓ ଯୁଝିବାପଣକୁ ନେଇ ଭୀମ ଭୋଇ ଏକ ପରମାର୍ଥିକ ମାନବବାଦର ସଂରଚନା ମାଧ୍ୟମରେ ଓଡ଼ିଆ କବିତାରେ ପ୍ରୟୋଗ କରିଛନ୍ତି ଆଧୁନିକତା। ମହିମା ଧର୍ମର ପ୍ରଚାର କରିଥିଲେ ହେଁ ସେ ଦାନ,ଦକ୍ଷିଣା,ପ୍ରବଚନ କି କୁଣ୍ଡର ପାଦୁକା ସେବନ ଦ୍ୱାରା ଜଗତର ଦୁଃଖ ଉପଶମ ହେବା ସମ୍ଭବ ନୁହେଁ ବୋଲି ଅନୁଭବ କରି ଲେଖିଛନ୍ତି -----

"ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର
ଫୁଟେ ମାଉଁସ ଜାଣଇ
ତେଣୁ କରି ସିନା ପ୍ରାଣୀଙ୍କ ବିକଳ
ସହି ନ ପାରିବି ମୁହିଁ।"

ଯଥାର୍ଥରେ ସେ ଓଡ଼ିଆ ସାହିତ୍ୟରେ ଜୀବନବାଦୀ ଆଧୁନିକତାର ପ୍ରଣେତା,କାରଣ ସେ ମାଟି ସଂଲଗ୍ନ। ସତରେ ମାଟିକୁ ଛାଡ଼ିଦେଲେ ମାଟି ହୋଇଯାଏ କବିତା।

(କ୍ରମଶ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୧୪ - ୨୦ ଫେବୃଆରୀ, ୨୦୨୨

## ଗୁଆଳିପୁର ପଞ୍ଚାୟତରେ ବିରଳ ଦୃଶ୍ୟ

# ପ୍ରଚାର ମଇଦାନରେ ସରପଞ୍ଚ ପ୍ରାର୍ଥୀ, ଗାଁ ଝିଅ-ବୋହୂଙ୍କ ମଧ୍ୟରେ ଲଢେଇ

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରା.ପ.ର ଉପେକ୍ଷିତ ହେଉଥିବା ଜନସାଧାରଣ ଓ ଚାଳଛପର ଘରେ ଆଜି ପର୍ଯ୍ୟନ୍ତ ବସବାସ କରୁଥିବା ଲୋକମାନଙ୍କୁ ବିଜୁ ପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ନ୍ତଭୂକ୍ତ ନକରି ରାଜନୈତିକ ଗୋଟି ଚାଳଣା କରି ଧନୀମାନଙ୍କୁ ବାସଗୃହ ଯୋଗଇଦେବା ଓ ସରକାରଙ୍କ ସବୁ କ୍ଷେତ୍ରରେ ଦୁର୍ନୀତିର କାୟାବିସ୍ତାର ହେଉଥିବାକୁ ନେଇ ବିଏ ପାସ କରିଥିବା ଯୁବତୀ ସୁଶ୍ରୀ ସାଗରିକା ପଟ୍ଟନାୟକ (ମାନୁ) ସର୍ବ କନିଷ୍ଠ ସରପଂଚ ପ୍ରାର୍ଥୀ ହଠାତ ରାଜନୈତିକ ମଇଦାନକୁ ଓହ୍ଲାଇ ସରପଂଚ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରି ଗାଁ ଗାଁରେ ନିଜର ପ୍ରଚାର ସମର୍ଥକମାନଙ୍କୁ ଧରି ବୁଲିବା ଘଟଣା ପଂଚାୟତ କଣ ସମଗ୍ର ବ୍ଲକ ଅଂଚଳରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଉଚ୍ଚ ଶିକ୍ଷିତ ଏହି ଯୁବତୀ ଜଣକ ଏତେ କମ ବର୍ଷ ବୟସରେ ରାଜନୀତି ମଇଦାନକୁ ଆସି ଲୋକମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢାଇବା ସହିତ ଦୁର୍ନୀତି ଘଟଣା ଉପରେ ଅଙ୍କୁଶ ଲଗାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିବା ବେଳେ ଗାଁ ମାନଙ୍କରେ ତାଙ୍କର ସମର୍ଥକମାନଙ୍କୁ ଧରି ପ୍ରଚାର କରିଥିବା ବେଳେ ଲୋକମାନଙ୍କ ଠାରୁ ଆଶିର୍ବାଦ ଭିକ୍ଷା କରିବା ଘଟଣା ପାଇଁ ସେ ଆଜି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ଏପରିକି ଗ୍ରା.ପ.ର ବିଭିନ୍ନ ଗ୍ରାମମାନଙ୍କରେ ଭାଇଚାରା ସମ୍ପର୍କ ସୃଷ୍ଟି କରିବାର ଏକ ସନ୍ଦେଶ ଲୋକମାନଙ୍କ ଆଗରେ ରଖିଥିବା ବେଳେ ଦୁର୍ନୀତି ଉପରେ ରୋକ ଲଗାଇବା ନିମନ୍ତେ ସେ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ଲୋକମାନଙ୍କୁ ପ୍ରତିଶୃତି ଦେଉଥିବାର ଦେଖାଯାଉଛି। ଗୁଆଳିପୁର ଗ୍ରାମର ବନବିହାରୀ ରେଳ ଷ୍ଟେସନ ବଜାର ନିକଟରେ ଏକ ଚା ଓ ପାନ ଦୋକାନ କରି ନିଜର ପରିବାର ପ୍ରତି ପୋଷଣ କରୁଥିବା ପ୍ରବିର ପଟ୍ଟନାୟକ(ଗୁନ)ଙ୍କ ଏକମାତ୍ର ଝିଅ ସୁଶ୍ରୀ ସାଗରିକାଙ୍କ ଏପରି ଏକ ଉଦ୍ୟମ ଫଳରେ ଗ୍ରା.ପ.ର ବିଭିନ୍ନ ଦଳନେତାମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଚଳିତ ବର୍ଷ ସରପଂଚ ପ୍ରାର୍ଥୀଭାବେ ୩ଜଣ ମହିଳା ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ବେଳେ ଗାଁ ଝିଅ ସୁଶ୍ରୀ ସାଗରିକାଙ୍କ ପ୍ରତି ସମର୍ଥନ ଦିନକୁ ଦିନ ବଢୁଥିବା ଦେଖି ଆଉ ୨ଜଣ ବୋହୂଙ୍କ ପାଇଁ ଭାଳେଣି ପଡିଯାଇଛି। ଏହି ୨ବୋହୂଙ୍କ ପରିବାର ଦୀର୍ଘ



ବର୍ଷ ଧରି ଶାସନ ଗାଦିରେ ରହି ଦୁର୍ନୀତିର ଗନ୍ତାଘର ପାଲଟି ଯାଇଥିବାରୁ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରୁନାହାନ୍ତି। ଗୋଟିଏ ପଟେ ୨ଜଣ ପ୍ରାର୍ଥୀ ଚିକେନ ଓ ମଦର ବନ୍ୟା ଜାରି ରଖିଥିବା ବେଳେ ଗାଁ ଝିଅ ସୁଶ୍ରୀ ସାଗରିକା ପ୍ରଚାର ସମୟରେ ପୁସିଙ୍ଗ ସହିତ ଏକ କଲମ ପ୍ରଦାନ କରୁଥିବାରୁ ସାଧାରଣ ଲୋକାମାନଙ୍କ ପାଇଁ ପ୍ରିୟଭାଜନ ହୋଇପାରିଛନ୍ତି। ଗାଁ ଗାଁରେ ସେ ନିଜର ସମର୍ଥକମାନଙ୍କୁ ଧରି ବୁଲୁଥିବା ବେଳେ କେତେକ ସ୍ଥାନରେ ଜନସାଧାରଣ ତାଙ୍କୁ ପଚାରିବାରେ ସେ କହୁଛନ୍ତି ଯେ, ରାଜନୀତି କରି ଅର୍ଥ ରୋଜଗାର କରିବା ମୋର ଲକ୍ଷ୍ୟ ନୁହେଁ ବରଂ ଆପଣଙ୍କ ଆର୍ଶୀବାଦ ବଳରେ ଯଦି ବିଜୟଲାଭ କରେ ତେବେ ଶାସନ ଡୋରି ମୋ ହାତରେ ନରଖି ଜନସାଧାରଣମାନଙ୍କ ଉପରେ ଛାଡିବି। ପ୍ରତି ଗ୍ରାମର ମୁରବୀ ମାନେ ଯାହା ନିଷ୍ପତି କରିବେ ସେଥିରେ ମୁଁ ଏକମତ ହେବି। ଚଳିତ ପଂଚାୟତ ନିର୍ବାଚନ ସମୟରେ ନିର୍ବାଚନ ମଇଦାନକୁ କାହିଁକି ଓହ୍ଲାଇଛ ଓ କି କି କାର୍ଯ୍ୟ ସବୁ କରିବେ ବୋଲି ତାଙ୍କୁ ପଚାରିବାରେ ସେ କହିଥିଲେ ଯେ, ଏହି ପଂଚାୟତ ଅନ୍ତର୍ଗତ ବରଡାଗେଂଜ ନିକଟରେ ରହୁଥିବା କେତେକ ଅନୁସୂଚିତ ଜାରି ପରିବାରଙ୍କ ପାଇଁ ହଂସୁଆ ନଦୀ ଉପରେ ଏକ ପୋଲ ନିର୍ମାଣ କରିବା ଘଟଣା ମୋ ପାଇଁ ଏକ ମୁଖ୍ୟ ଅସ୍ତ୍ର ହୋଇଥିବା ବେଳେ ପାଟେଣି ଗାଁ - କୁଳସାହି ଗ୍ରାମ୍ୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟିର ଉନ୍ନତୀକରଣ, କୁଳସାହି ଗ୍ରାମର ବହୁ ଯୁବପୀଢିଙ୍କ ଅନୁରୋଧ କ୍ରମେ ଏକ କ୍ଲବ ଗୃହନିର୍ମାଣ, କୁଳସାହି ଛକ ନିକଟରେ ଏକ ହାଇମାସ୍କ ଲାଇଟ ନିର୍ମାଣ ହେବା ସହିତ ଏଠାରେ ସ୍ୱର୍ଗତ ସୁକାନ୍ତ କୁମାର ରାଉତ (ଢୋଲା)ଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା, ରାଧାନଗର - ଗୁଆଳିପୁର ଗ୍ରାମରେ କେତେକ ସ୍ଥାନରେ ନିଜସ୍ୱ ଅଙ୍ଗନୱାଡି ଗୃହ ନିର୍ମାଣ କରିବା, ଗୁଆଳିପୁର ଗ୍ରାମର ଦୁଦୁଖାଇ ମୁହଁ ନିକଟରେ ଥିବା ରାସ୍ତାଟି ଦୀର୍ଘ ବର୍ଷ ଧରି ହଂସୁଆ ନଦୀକୁ ପଡିଯାଇଥିବାରୁ ବହୁ ଚାଷୀଙ୍କ ବିଲ ସବୁ ନଈରେ ମିଶିଯିବାକୁ ବସିଲାଣି। ତେଣୁ ଏହି ରାସ୍ତାର ମରାମତି କରିବା ସହିତ ମାଣମାଣ ଚାଷୀଜମି ସବୁ ହଂସୁଆ ନଦୀକୁ ପାଣି ନିଷ୍କାସନ ବ୍ୟବସ୍ଥା କରିବାପାଇଁ ଏକ ଚେକ୍‌ଗେଟର ବ୍ୟବସ୍ଥା, ଗୁଆଳିପୁର ଗ୍ରାମ ପ୍ରାଥମିକ କୃଷିଋଣ ସମବାୟ ସମିତିର ନିଜସ୍ୱ ଗୃହ ଓ ଜମିବାଡି ନଥିବାରୁ ୩ଗୋଟି ଗ୍ରା.ପ.ର ଚାଷୀ ମଣ୍ଡିରେ ଧାନଦେବାକୁ ହଇରାଣ ହେଉଥିବାରୁ ନିଜସ୍ୱ ଗୃହ ନିର୍ମାଣ କରିବା , କୁର୍ତ୍ତାଙ୍ଗ ଗ୍ରାମ୍ୟ ରାସ୍ତା ଗୁଡିକର ପୁନରୁଦ୍ଧାର କରିବା, ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟଟିର ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବା, ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟଟିର ସମ୍ମୁଖରେ ଥିବା ଦଳ ପୋଖରୀଟିର ପୁନରୁଦ୍ଧାର କରିବା ସହିତ, ଗୁଆଳିପୁର ଗ୍ରା.ପ. କାର୍ଯ୍ୟାଳୟଟି ଭାଙ୍ଗିରୁଜି ଯାଇଥିବାରୁ ତାର ପୁନରୁଦ୍ଧାର କରିବା ମୋର ପ୍ରଥମ କାର୍ଯ୍ୟ ହେବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ପ୍ରତି ଗାଁ ମାନଙ୍କରେ ଧାନଖଳା ନିର୍ମାଣ, ଚାଷୀମାନଙ୍କ ଯାତାୟାତ ପାଇଁ ନାଳମାନଙ୍କରେ ପୋଲ ନିର୍ମାଣ କରିବା, ଗ୍ରା.ପ.ରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଆଦିବାସୀମାନଙ୍କୁ ଘରବାରି ପଟ୍ଟା ଓ ବିଜୁ ପକ୍କାଘର ପ୍ରଦାନ କରିବା, ପନିପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ବୋରିଙ୍ଗ ସ୍ଥାନକୁ ବିଦ୍ୟୁତ କରଣ କରିବା, ଦୀର୍ଘବର୍ଷ ଧରି ଦୋକାନୀ ମାନଙ୍କ ନିମନ୍ତେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ଗୁଡିକୁ କାର୍ଯ୍ୟକ୍ଷମ କରାଇବା ଓ ପ୍ରତି ଗାଁ ମାନଙ୍କରେ ଶବଦାହ ଗୃହ ସବୁ ନିର୍ମାଣ କରାଯିବା ନିମନ୍ତେ ତାଙ୍କର ଉଦ୍ୟମ ନେଇ ସାଧାରଣରେ ପ୍ରଂଶସାର ପାତ୍ର ପାଲଟିଥିବା ବେଳେ ନିଜର ଏହି ଉଦ୍ୟମ ପ୍ରତି ପଂଚାୟତବାସୀଙ୍କ ପକ୍ଷରୁ ସହଯୋଗର ହାତ ବଢାଇବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ୨୮ରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଠପଢ଼ା

**ଭୁବନେଶ୍ୱର :** ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିବ। କିନ୍ତୁ ନୂଆ ନିର୍ଦ୍ଦେଶ ଅନୁଯାୟୀ, ପିଲାମାନେ ସେହି ଦିନଠାରୁ ସ୍କୁଲ୍ ଯିବେ ନାହିଁ। ଫେବୃଆରୀ ୨୮ ତାରିଖରୁ ପିଲାମାନେ ସ୍କୁଲ୍ ଯିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ଏହି ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗଣଶିକ୍ଷା ସଚିବ ସମସ୍ତ ଜିଲ୍ଲାପାଳ ଓ ଡିଇଓମାନଙ୍କୁ ଏନେଇ ଚିଠି ଲେଖିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରାୟ ଦୁଇ ବର୍ଷ ଧରି ସ୍କୁଲ୍ ଗୁଡ଼ିକ ବନ୍ଦ ହୋଇ ପଡ଼ିଥିବାରୁ ସେଗୁଡ଼ିକୁ ସଫା କରିବାକୁ, ଏହା ପରିସରେ ବଢ଼ିଥିବା ଅନାବନା ଗଛ କାଟିବାକୁ, ଛୋଟମୋଟ ମରାମତି କରିବାକୁ ତଥା ଏକ ପରିଷ୍କାର ପରିବେଶ ସୃଷ୍ଟି କରିବାକୁ ଆଉ ଅଧିକ ସମୟ ଦେବାକୁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଅନୁରୋଧ କରିଥିଲେ। ସେମାନେ ଆହୁରି ମଧ୍ୟ କହିଥିଲେ ଯେ ଏହା ମଧ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଆଉ ପୋଲିଂ ଷ୍ଟାଫ୍‌ଙ୍କ ମଧ୍ୟରେ ଅଧିକାଂଶ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ରହିବେ। ସେମାନେ ଟ୍ରେନିଂ ଓ ଅନ୍ୟାନ୍ୟ



ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ରହିବେ। ଏହା ସହିତ ଭୋଟ୍ ପାଇଁ ସ୍କୁଲ୍ ଗୁଡ଼ିକୁ ବ୍ୟବହାର କରିବାକୁ ପଡ଼ିବ। ଜିଲ୍ଲାପାଳମାନଙ୍କ ଏହି ରିପୋର୍ଟ ଆଧାରରେ ସରକାର ୧୪ ବଦଳରେ ୨୮ରୁ ପିଲାମାନେ ସ୍କୁଲ୍ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ପିଲାଙ୍କର ଅନ୍‌ଲାଇନ୍ କ୍ଲାସ ଚାଲିବ। ୧୪ରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍କୁଲ୍ ଯିବେ। ସ୍କୁଲକୁ ଯାଇ ସେମାନେ ଏହା ପରିସରର ସଫେଇ କାର୍ଯ୍ୟ ତଦାରଖ କରିବେ। ସୂଚନାଯୋଗ୍ୟ, ଗତ ୭ ତାରିଖରୁ ଅଷ୍ଟମରୁ ତଦୁର୍ଦ୍ଧ ଶ୍ରେଣୀ ଖୋଲି ସାରିଛି। ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ବି ଖୋଲି ସାରିଛି। କରୋନା ହ୍ରାସ ପାଇଥିବାରୁ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ଥିବା ସ୍କୁଲ୍ ଗୁଡ଼ିକୁ ମଧ୍ୟ ଫେବୃଆରୀ ୧୪ ତାରିଖରୁ ଖୋଲିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏମିତିକି ଫେବୃଆରୀ ୧୪ରୁ ପ୍ଲେ ସ୍କୁଲ୍ ଗୁଡ଼ିକୁ ଖୋଲିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ରୋଶନି ସିଂହଦେଓଙ୍କ ପରଲୋକ



**ଜୟପାଟଣା :** କଳାହାଣ୍ଡି ଜିଲ୍ଲାର କୋକସରାର ପୂର୍ବତନ ବିଧାୟିକା ରୋଶନି ସିଂହଦେଓଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ଭୁବନେଶ୍ୱରରେ ପୁତ୍ର ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ବାସଭବନରେରେ ତାଙ୍କର ପରଲୋକ ହୋଇଛି। ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ କଳାହାଣ୍ଡି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ଜୟପାଟଣା ଅଣାଯାଉଛି। ରୋଶନି ସିଂହଦେଓ ଦୁଇଥର ଲଗାତାର କୋକସରା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୯୫ ରୁ ୨୦୦୪ ପର୍ଯ୍ୟନ୍ତ ଦୁଇଥର ଲଗାତାର କୋକସରା ନିର୍ବାଚନ ମଣ୍ଡଳୀର ବିଧାୟିକା ଥିଲେ। ଜନତା ଦଳରୁ ୧୯୯୫ରୁ ୨୦୦୦ ଓ ବିଜୁ ଜନତା ଦଳରୁ ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ବିଧାୟିକା ରହିଥିଲେ ସେ। ନିର୍ବାଚନ ମଣ୍ଡଳୀ ବିଭାଜନ ପରେ ତାଙ୍କ ସୁପୁତ୍ର ପୁଷ୍ପେନ୍ଦ୍ର ସିଂହଦେଓ ବିଜୁ ଜନତା ଦଳରୁ ୨୦୦୪ ରୁ ୨୦୧୯ ପର୍ଯ୍ୟନ୍ତ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ବିଧାୟକ ରହିଥିଲେ। ବର୍ତ୍ତମାନ ସେ କଳାହାଣ୍ଡି ଜିଲ୍ଲା ବିଜେଡିର ସଭାପତି ରହିଛନ୍ତି।

# ଜଳ ଜାଗରଣ ଶିବିର



**ଜୁନାଗଡ :** କେନ୍ଦୁପାଟି ଗ୍ରାମଠାରେ ନେହେରୁ ଯୁବ କେନ୍ଦ୍ର ଓ ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆୟୋଜନରେ ଏକ 'ଜଳ ଜାଗରଣ ଶିବିର କାର୍ଯକ୍ରମ' ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବରେ ଡ଼. ଭୀମରାଓ ଆମ୍ବେଦକର ଅନୁଷ୍ଠାନରୁ ବିରେନ୍ଦ୍ର ସୁନାନି ଯୋଗଦାନ କରି ଜଳ ଜାଗରଣ ବିଷୟରେ ସୁନ୍ଦର ଭାବରେ ଯୁବଗୋଷ୍ଠୀଙ୍କୁ ବୁଝାଇଥିଲେ। ଉକ୍ତ ଶିବିରରେ କର୍ତ୍ତବ୍ୟ ସଂଗଠନ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅଶୋକ ପଟ୍ଟନାୟକ ଓ ଅନ୍ତୋଦୟ ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତ୍ତା ସଞ୍ଜୀବ କୁମାର ଶତପଥୀ ତାଲିମ ଦାତା ଭାବରେ ଉକ୍ତ କାର୍ଯ୍ୟକୁ ସୁପରିଚାଳନା କରିଥିଲେ। ଉକ୍ତ କାର୍ଯକ୍ରମରେ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ପ୍ରସନ୍ନ କୁମାର ମେହେର ଓ ଦ୍ୱିତୀୟା ବଇଁନଛୋର୍ ଯୋଗଦାନ କରିଥିଲେ। ଏହି କାର୍ଯକ୍ରମରେ ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ବାବଲୁ ବିଶ୍ୱାଳ ଅତିଥି ପରିଚୟ ଓ ଉପସ୍ଥାପନା କରିଥିବା ବେଳେ ଉକ୍ତ ଅନୁଷ୍ଠାନର ସଭାପତି ଧିରୋଜ ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନର ବିଶ୍ୱଜିତ୍ ରାଉତ, ରାଜ୍ କିଶୋର ଗହିର, ଦେବରାଜ୍ ଯୋଶୀ, ରାକେଶ କୁମାର ସାହୁ ଓ ଅନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ବିଧାନ ...

ପ୍ରେରଣ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟର ସଚିବଙ୍କଠାରୁ ଆରମ୍ଭ କରି ସଂସଦୀୟ ବ୍ୟାପାର ସଚିବ ପର୍ଯ୍ୟନ୍ତ ଚିଠି ପ୍ରେରଣ କଲାପରେ ମଧ୍ୟ ରାଜ୍ୟସଭାରେ ଏପରି ପ୍ରସ୍ତାବ ପାଇନଥିବା ଜଣାଇଥିବା ରାଜ୍ୟ ସରକାର, ବିଧାନସଭା ଓ ସର୍ବୋପରି ଓଡ଼ିଶାର ଜନସାଧାରଣଙ୍କୁ ଚକିତ କରିଛି। ତେଣୁ ଏ ସଂକ୍ରାନ୍ତରେ ଏକ ପ୍ରେସ୍ ବିବୃତିରେ ବାଚସ୍ପତି ଏହା ଜଣାଇଛନ୍ତି।

### କ୍ରିପ୍ଟୋକୁ ...

ଘୋଷଣା କରି ନିର୍ମଳା କ୍ରିପଟ୍ଟୋ ଆୟ ଉପରେ ୩୦% ଭଳି ମୋଟା ଅଙ୍କର ଟିକସ ଲଗାଇଛନ୍ତି। ଏହା ସହିତ ଡିଜିଟାଲ୍ ମୁଦ୍ରାରେ ହେଉଥିବା ବାର୍ଷିକ ୧୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର କାରବାର ଉପରେ ୧ ପ୍ରତିଶତ ଟିଡିଏସ୍ ମଧ୍ୟ ଲାଗୁ କରାଯାଇଛି। ବ୍ୟକ୍ତିବିଶେଷଙ୍କ ପାଇଁ ଏହି ସୀମା ବାର୍ଷିକ ୫୦ ହଜାର ଟଙ୍କା ରଖାଯାଇଛି। ନିକଟରେ ମୁଦ୍ରାନୀତି ସମୀକ୍ଷା ନିଷ୍ପତ୍ତି ଘୋଷଣା କରିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ କ୍ରିପ୍ଟୋର କୌଣସି ମୂଲ୍ୟ ନାହିଁ। ତାହା ଏକ ଟ୍ୟୁଲିପ୍ ଫୁଲ ଠାରୁ ମଧ୍ୟ ମୂଲ୍ୟହୀନ। ଯେଉଁମାନେ କ୍ରିପ୍ଟୋରେ ନିବେଶ କରୁଛନ୍ତି ସେମାନଙ୍କୁ ସତର୍କ କରିବାକୁ ଯାଇ ସେ ତାହା କହିଥିଲେ। ଦେଶର ଆର୍ଥିକ ସ୍ଥିରତା ପ୍ରତି ବଡ଼ ବିପଦ ବୋଲି ସେ ବହୁ ଦିନରୁ କହିଆସୁଛନ୍ତି। ତାହାକୁ ନିଷିଦ୍ଧ କରିବା ସପକ୍ଷରେ ସେ ଯୁକ୍ତି ଉପସ୍ଥାପନ କରୁଛନ୍ତି।

### 'ୱିକେଟ୍ ନମିଳିଲେ ...

ସେସବୁ ରିଜର୍ଭ ଇଭିଏମ ଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ଗତକାଲି ୟୁପିରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଛି। ଲୋକେ ବିପୁଳ ସଂଖ୍ୟାରେ ଘରୁ ବାହାରି ୟୁପିର ବିକାଶ ପାଇଁ ପଦ୍ମରେ ଭୋଟ୍ ଦେଇଛନ୍ତି। ବିଶେଷ କରି ଆମର ଭଉଣୀ ଏବଂ ଝିଅମାନେ ଖୁବ୍ ମତଦାନ କରିଛନ୍ତି। ଗତକାଲି ଅପରାହ୍ନ ପରେ ଇଣ୍ଟରଭ୍ୟୁ ଦେଇଥିବା ନେତାଙ୍କ ମୁହଁ କଳା ପଡି ଯାଇଛି। ପ୍ରଧାନମନ୍ତ୍ରୀ ଅଖିଳେଶ ଯାଦବଙ୍କୁ ପରିବାରବାଦ ରାଜନୀତି ନେଇ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଅଖିଳେଶ ଜାଣି ସାରିଲେଣି ଯେ, ତାଙ୍କ ଡଙ୍ଗା ବୁଡିବାକୁ ଯାଉଛି। ଏଥିପାଇଁ ସେ ଏବେଠୁ ଇଭିଏମ ଏବଂ ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରି ଦେଇଛି। ୱିକେଟ୍ ନମିଳିଲେ ବୋଲର ଯେମିତି ଅମ୍ପାୟରଙ୍କ ଉପରେ ନିଜର କ୍ରୋଧ ଜାହିର କରେ ଠିକ୍ ସେହି ପରି ବିରୋଧୀ ଏବେଠୁ ଇଭିଏମ ଉପରେ ଦୋଷ ଦେବା ଆରମ୍ଭ କରି ଦେଲେଣି। ଜନତା ଆପଣଙ୍କୁ ସ୍ୱୀକାର କରିବେ ନାହିଁ। କାରଣ ସେମାନଙ୍କୁ ଗୁଣ୍ଡାରାଜ ଦରକାର ନାହିଁ। ଯଦି ଇଭିଏମକୁ ଗାଳି ଦେବାର ଅଛି ତେବେ ମାର୍ଚ୍ଚ ୧୦ ପରେ ବହୁତ ଦିନ ପଡିଛି।

### ପୌର ନିର୍ବାଚନ ...

ଯଦି କେହି ଭୁଲ୍ ତଥ୍ୟ ସତ୍ୟପାଠରେ ଉଲ୍ଲେଖ କରିଥିବେ, ତା'ହେଲେ ତାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସମସ୍ତ ରାଜନୀତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି। ଏହା ସହିତ ପୌର ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସର୍ବାଧିକ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରାଯାଇଛି। ମହାନଗର ନିଗମର କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ସେହିପରି ମେୟର ପ୍ରାର୍ଥୀ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନସିଲର ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୫୦ ହଜାର ଟଙ୍କା ରହିଛି। କିନ୍ତୁ ଏଠାରେ ଚେୟାରମ୍ୟାନ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ରହିଛି ୨ ଲକ୍ଷ ଟଙ୍କା। ସେହିପରି ୫୦ ହଜାରରୁ ଲକ୍ଷେ ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନସିଲର ପ୍ରାର୍ଥୀ ସର୍ବାଧିକ ୭୫ ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ଏଠାରେ ଚେୟାରମ୍ୟାନ ପ୍ରାର୍ଥୀ ସର୍ବାଧିକ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ୧ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନ୍ସିଲର ପ୍ରାର୍ଥୀ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିଭଳି ଏଠାରେ ଚେୟାରମ୍ୟାନ୍ ପ୍ରାର୍ଥୀ ସର୍ବାଧିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ସବୁ ଦଳର ନେତାଙ୍କୁ ଅବଗତ କରାଯାଇଛି। ପୌର ନିର୍ବାଚନ ପାଇଁ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ଆଜି ୧୦୭ ପୌରାଞ୍ଚଳ ଓ ୩ ମହାନଗରରେ ଚିଠା ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସୂଚନା ଦିଆଯାଇଛି। ତେବେ ଫେବୃଆରୀ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

### ଖାଉ ଖାଉ ...

ତେଣୁ ପଞ୍ଚାୟତ ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବ କିପରି। ବର୍ତ୍ତମାନ ପରିପ୍ରେକ୍ଷୀରେ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ନିର୍ବାଚନ ଦାୟିତ୍ୱ ନଦେଇ ପ୍ରଶାସନ ଜଣେ ସଚ୍ଚୋଟ ଅଫିସରଙ୍କୁ ଏଥିରେ ନିଯୁକ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହି ମର୍ମରେ କମିଶନଙ୍କୁ ପତ୍ର ପଠାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ବିଇଓଙ୍କ ବିରୋଧରେ ପୂର୍ବରୁ ମାଳମାଳ ଅଭିଯୋଗ ଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ ହେତୁ ସେ ଦିନକୁ ଦିନ ଅଧିକ ଅନିୟମିତତା କରିଚାଲିଛନ୍ତି।

### 'ଗଣତନ୍ତ୍ରକୁ ...

କେବଳ ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଲେ ଏ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହୋଇଯିବକି। ୨୦୧୪ ମସିହା ପୂର୍ବରୁ କେନ୍ଦ୍ରରେ ବିଜେପି ସରକାର ଶାସନକୁ ଆସିବା ପାଇଁ ଭାରତବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ କହିଥିଲେ କଳାଧନର ମୂଳ ଉତ୍ପାଟନ ହେବ କିନ୍ତୁ ଯେଉଁ କଳାଧନ କେତେ ଆସିଲା କେହି ଜାଣିଲେ ନାହିଁ କି ଜଣାଗଲା ନାହିଁ। ଆଜି ଜିଏଷ୍ଟି, ବିମୁଦ୍ରିକରଣ ସରକାରଙ୍କର ଭୁଲ କୃଷି ନୀତି, ବୈଦେଶିକ ନୀତି ତଥା ଅର୍ଥନୀତିକୁ ପରିଚାଳନ କରିବାରେ ଦକ୍ଷତାର ଅଭାବ ଯୋଗୁଁ ଆଜି ଭାରତବର୍ଷ ବହୁ ପଛକୁ ଚାଲିଯାଉଛି। ଦୀର୍ଘ ୭ବର୍ଷ ଭିତରେ ଆଛେଦିନର ସ୍ୱପ୍ନ ଦେଖାଇଥିବା ସରକାର ଆଛେଦିନ କେବେ ଆସିବ କହିପାରୁ ନାହିଁ। ଜିନିଷ ପତ୍ରର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି, ବେରୋଜଗାରୀ ୪୫ ବର୍ଷରେ ଶୀର୍ଷ ଛୁଇଁସାରିଲାଣି। ୪.୫ କୋଟି ଲୋକମାନେ ମୋଦିଙ୍କ ସରକାରରେ ଗରିବ ସୀମାରେଖା ତଳକୁ ଚାଲିଯାଇଛନ୍ତି। ଯେଉଁମାନଙ୍କୁ କଂଗ୍ରେସ ସରକାର ୨୦୦୦-୧୪ ମଧ୍ୟରେ ସେମାନଙ୍କୁ ଗରିବ ସୀମାରେଖା ଉପରକୁ ଉଠାଇ ପାରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମହାଶୟ ଦେଶବାସୀଙ୍କୁ କହିଥିଲେ ପ୍ରତ୍ୟେକ ଭାରତୀୟ ବ୍ୟାଙ୍କ ଖାତାକୁ ୧୫ଲକ୍ଷ ଆସିବ କିନ୍ତୁ ୧୫ଟଙ୍କା ଆସିଲା ନାହିଁ ଏହା କଣ ଜୁମୁଲା ଥିଲାକି। କୃଷକ ମାନଙ୍କର ଆୟ ବହୁପରିମାଣରେ କମି ଯାଇଛି। ୬୬ଲକ୍ଷ ଅଣୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ସମ୍ବିଧାନ ଓ ସମ୍ବିଧାନିକ ଅନୁଷ୍ଠାନ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି। ଉଗ୍ର ଜାତୀୟତା ବାଦ ନାମରେ ଦେଶ ଭିତରେ ଭୟ ଓ ଅଶାନ୍ତିର ବାତାବରଣ ସୃଷ୍ଟି କରାଯାଉଛି। ଅର୍ଥ ବଳରେ ଯେନତେନ ପ୍ରକାରରେ ଲୋକମାନଙ୍କୁ ପ୍ରଲୋଭିତ କରି ମିଥ୍ୟ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହି ପ୍ରକ୍ରିୟା ଯଦି ଚାଲୁ ରହେ ତାହାହେଲେ ଅତି ଶୀଘ୍ର ଗଣତନ୍ତ୍ର ଦ୍ରୁତି ଅବକ୍ଷୟମୁଖି ହେବ ଏବଂ ଗଣତନ୍ତ୍ର ବଜାର ତନ୍ତ୍ରରେ ପରିଣତ ହୋଇଯିବ। ଏଣୁ ମୋର ଓଡ଼ିଶାବାସୀଙ୍କୁ ବିନମ୍ର ନିବେଦନ ଆପଣମାନେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏ ସମସ୍ତ ମୌଳିକ ପ୍ରଶ୍ନଗୁଡ଼ିକୁ ଉଭୟ ବିଜେଡ଼ି ଓ ବିଜେପି ଦଳର ନେତା, ମନ୍ତ୍ରୀ ଓ ପ୍ରାର୍ଥୀମାନଙ୍କୁ ପଚାରନ୍ତୁ ତଥା କଂଗ୍ରେସକୁ ଭୋଟ ଦେବାପାଇଁ ମୁଁ ଅନୁରୋଧ କରୁଛି। ଆସନ୍ତା ଦିନରେ ଏକ ସୁନ୍ଦର ଓଡ଼ିଶା ଗଠନ କରିବାରେ ଆପଣମାନଙ୍କ ସହଯୋଗ ଅପେକ୍ଷାରେ କଂଗ୍ରେସ।

# ନଇଗୁଆଁ ଗ୍ରାମପଞ୍ଚାୟତରେ ରାଜନୀତି ସରଗରମ



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଇଗୁଆଁ ଗ୍ରାମପଞ୍ଚାୟତରେ ଆଜି ବିଜେଡ଼ି ସମର୍ଥିତ ୨ ନମ୍ବର ଜୋନର ଜିଲ୍ଲାପରିଷଦ ପ୍ରାର୍ଥୀନୀ ବନିତା ବେହେରା, ସରପଞ୍ଚ ପ୍ରାର୍ଥୀନୀ ରଞ୍ଜିତା ସ୍ୱାଇଁ ଓ ସମିତି ସଭ୍ୟା ପ୍ରାର୍ଥୀ ମାନସ କୁମାର ସାହୁ ନଇଗୁଆଁ ପଞ୍ଚାୟତର ଡେରୁଣିଆ ଓ ବାଲିସାହି ଗ୍ରାମରେ ଡୋର ଟୁ ଡୋର କମ୍ପେନିଙ୍ଗ୍ କରି ଭୋଟର ଙ୍କୁ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ମାଳ ମାଳ ଲୋକାଭିମୁଖୀ ଯୋଜନା ଗୁଡିକୁ ଅନୁସରଣ କରି କାକଟପୁରର ବିଧାୟକ ତଥା କ୍ରୀଡା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ମହୋଦୟଙ୍କର ବିକାଶ ମୂଳକ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ସେହିପରି ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକଙ୍କ ବିକାଶ ଧାରାକୁ ନେଇ ଘର ଘର ବୁଲି ଭୋଟର ମାନଙ୍କୁ ବୁଝାଇଥିଲେ।

# ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା




**ବଲାଙ୍ଗୀର :** ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ପାଇଥିବା ବଲାଙ୍ଗୀରର ବିଶିଷ୍ଟ ଲେଖକ, ଆକାଶବାଣୀ ଗୀତିକାର, ପ୍ରଥମ କୋଶଲୀ ଅଭିଧାନ ପ୍ରଣେତା ତଥା ଶିକ୍ଷାବିତ୍ ନରସିଂହପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ମଳୟ ମିଶ୍ର, ଉପ- ସଭାପତି ବିଶ୍ୱମୟ ପୂଜାରୀ, ସମ୍ପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଅଜିତ କୁମାର ମହାନ୍ତି, ସଦସ୍ୟ ଜ୍ଞାନୀନ୍ଦ୍ର ମହାନ୍ତି ଓ ବିକାଶ ମହାକୁର ପ୍ରମୁଖ ତାଙ୍କ ବାସଭବନରେ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ପ୍ରକାଶ। ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦର ଜଣେ ଉପଦେଷ୍ଟା ଥିବା ଶ୍ରୀ ଗୁରୁ ତାଙ୍କୁ ଏହି ପଦ୍ମଶ୍ରୀ ମିଳିବାର ଶ୍ରେୟ ଲେଖକ ପରିଷଦକୁ ଦେଇଥିଲେ ଓ ତାଙ୍କ ବକ୍ତବ୍ୟରେ ଅନେକ ପୁରସ୍କାର ମିଳିଥିଲେ ହେଁ , ତାଙ୍କୁ ଲେଖକ ପରିଷଦ ପକ୍ଷରୁ ''କୋଶଳ ପାଣିନୀ ' ଉପାଧୀରେ ପ୍ରଥମେ ଭୂଷିତ କରାଯାଇଥିବାରୁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ତାଙ୍କର ଏହି ପଦ୍ମଶ୍ରୀ ପୁରସ୍କାର ସମଗ୍ର ଜିଲ୍ଲାର ଓ କୋଶଳୀଭାଷାକୁ ଏଥିରେ ସ୍ୱୀକୃତି ଦେଇଥିବା ଭାରତ ସରକାର ଏହିଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ତାଙ୍କର ଏକମାତ୍ର ଅଭିଳାଷ ବୋଲି କହିଛନ୍ତି।



ଅକ୍ଷୟ କୁମାର ରାଉତ

# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି। ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।

ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍। ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିସ୍କେଷିତ, ଦରିଦ୍ର ଓ ଆର୍ତରବନ୍ଧୁ। ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*





**ସରପଞ୍ଚ ଓ ସମିତି ସଭ୍ୟା ପ୍ରାର୍ଥୀନିଙ୍କ ଆର୍ଦଶ ଆଚରଣ ବିଧି ଉଲ୍ଲଂଘନ ଘଟଣା**

# ବ୍ଲକ ନିର୍ବାଚନ ଅଧିକାରୀଙ୍କ କାରଣ ଦର୍ଶାଅ ନୋଟିସ

**କାକଟପୁର :** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀନି ସୁଷମା କୁମାରୀ ଦେଇ ଓ ସମିତି ସଭ୍ୟା ପ୍ରାର୍ଥୀନୀ ବନଜା ମହାନ୍ତି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବା ନେଇ କାକଟପୁର ବ୍ଲକ ନିର୍ବାଚନ ଅଧିକାରୀ ତୁଷାର ଜ୍ୟୋତି ରଂଜନ ପ୍ରାର୍ଥନୀ ଦ୍ୱୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ଜେନା ଗ୍ରାମପଞ୍ଚାୟତରେ ନିର୍ବାଚନ ପ୍ରତି ଦ୍ୱନ୍ଦିତା କରୁଥିବା ସରପଞ୍ଚ ପ୍ରାର୍ଥୀନି ସୁଷମା କୁମାରୀ ଦେଇ ଓ ସମିତି ସଭ୍ୟା ପ୍ରାର୍ଥୀନୀ ବନଜା ମହାନ୍ତି ଦଳୀୟ ନେତାଙ୍କ ଫଟୋ ଥିବା ହୋର୍ଡିଂ ଓ ଆପତ୍ତିଜନକ ପୋଷ୍ଟର ଲଗାଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ପୁରୀ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ନିର୍ବାଚନ ପର୍ଯ୍ୟବେକ୍ଷକ, କାକଟପୁର ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି କାକଟପୁର ତହସିଲଦାର ବିରଂଚି ନାରାୟଣ ବେହେରା କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ଘଟଣାର ତଦନ୍ତ କରି ଆଚରଣ ବିଧି ଉଲ୍ଲଂଘନ ହେଉଥିବା ନେଇ ବ୍ଲକ ନିର୍ବାଚନ ଅଧିକାରୀ ଶ୍ରୀ ଜ୍ୟୋତି ରଞ୍ଜନଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ବ୍ଲକ ନିର୍ବାଚନ ଅଧିକାରୀ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରାର୍ଥୀନୀ ସୁଷମା କୁମାରୀ ଦେଇ ଓ ସମିତି ସଭ୍ୟା ପ୍ରାର୍ଥୀନୀ ବନଜା ମହାନ୍ତିଙ୍କୁ ଆଚରଣ ବିଧି ଉଲ୍ଲଂଘନ ନେଇ ପତ୍ରସଂଖ୍ୟା - ୩୨୧ ତା୦୫. ୦୨.୨୨ରେ ଆର୍ଦଶ ଆଚରଣ ବିଧି ପରିଚ୍ଛେଦ - ୨ର ପାରା ୭ ଓ ୧୦କୁ ପ୍ରଭାବିତ କରି ଭୋଟର ମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନାକୁ ନେଇ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି କାରଣ ଦର୍ଶାଅ ନୋଟିସର ସନ୍ତୋଷଜନକ ଉତ୍ତର ୧୦ତାରିଖ ମଧ୍ୟରେ ନ ମିଳିଲେ ପ୍ରାର୍ଥନୀ ଦ୍ୱୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତୁଷାର ଜ୍ୟୋତି ରଂଜନ ପ୍ରକାଶ କରିଛନ୍ତି। ବ୍ଲକ ପତ୍ରସଂଖ୍ୟା - ୩୨୨ ଅନୁଯାୟୀ ବ୍ଲକ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପୁରୀ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, କାକଟପୁର ତହସିଲଦାର ଏବଂ କୋଣାର୍କ ଥାନା ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

# ସାମ୍ବାଦିକଙ୍କ ବିଭିନ୍ନ ଦାବି ନେଇ ସାମ୍ବାଦିକ ସମ୍ମିଳନୀ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଉପାନ୍ତ ଅଞ୍ଚଳର ମଦନପୁର ରାମପୁର ଥାନା ଅନ୍ତର୍ଗତ ମୋହନଗିରି ଧରିତ୍ରୀ ଖବରକାଗଜର ସାମ୍ବାଦିକ ରୋହିତ ବିଶ୍ୱାଳ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣ ରେ ନିହତ ହେବା ଘଟଣା ଓଡିଶା ସାମ୍ବାଦିଙ୍କ ମହଲରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଖବର ସଂଗ୍ରହ ଉଦ୍ଦେଶ୍ୟରେ ଯାଇ ନିଜେ ଖବର ହୋଇଯିବା ଘଟଣା ବର୍ତ୍ତମାନ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଏନେଇ ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ରୋହିତଙ୍କ ପରିବାରର ଉତ୍ତୋରତର ଉନ୍ନତି ତଥା କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରାଯାଇଥିଲା। ସଂଘର ସଭାପତି ନିରୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଓଡିଶା ସାମ୍ବାଦିକ ସଙ୍ଘ(ଓଜେୟୁ)ର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜଙ୍କ ଉପସ୍ଥିତି ରେ ବରିଷ୍ଠ ସାମ୍ବାଦିକ ଉମାଶାଙ୍କର କର ଓ ସ୍ୱାଧୀନ ପାତ୍ର ମଞ୍ଚାସିନ ରହି ସହୀଦ ସାମ୍ବାଦିକଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ, ଧୂପଦୀପ ଦେଇ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହାପରେ ରୋହିତଙ୍କ ସ୍ମୃତି ଚାରଣ କରିବା ସହିତ ସାମ୍ବାଦିକ



ମାନେ କିଭଳି ପ୍ରତିକୂଳ ପରିସ୍ଥିତି ରେ କାର୍ଯ୍ୟକାରୀ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ସେସମ୍ପର୍କରେ ଆଲୋକପାତ କାରାଯାଇଥିଲା। ଏହାପରେ ଓଜେୟୁ ସଂଘର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଗତ ରୋହିତ ବିଶ୍ୱାଳଙ୍କ ପାରିବାର ବର୍ଗଙ୍କ ସ୍ୱାର୍ଥରେ ଓ ଓଡ଼ିଶାର ବିଭିନ୍ନ ଛପା, ବୈଦ୍ୟୁତିକ ତଥା ସାମାଜିକ ଗଣମାଧ୍ୟମରେ କାର୍ଯ୍ୟରତ ଥିବା ସାମ୍ବାଦିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ୬ ଦଫା ବିଶିଷ୍ଟ ଦାବୀ ପତ୍ର ଉପସ୍ଥାପନା କରିଥିଲେ।ସ୍ୱର୍ଗତ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କୁ ସହିଦର ମାନ୍ୟତା ଦେବା, ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ ରେ ନିଯୁକ୍ତି ଦେବା ସହିତ ଦୁଇ ଛୁଆଙ୍କ ପାଠ ପଢ଼ା ଦାଇତ୍ୱ ସରକାର ବହନ କରିବା ଅନ୍ୟଥା ତାଙ୍କ ସ୍ତ୍ରୀଙ୍କୁ ଆଜୀବନ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯିବା, ଘଟଣାରେ ଆସୁଥିବା ଗଞ୍ଜେଇ ମାଫିଆ ଓ ଠିକାଦାରଙ୍କୁ ତଦନ୍ତ ପରିଷର ଭୂକ୍ତ କରିବା,ସାମ୍ବାଦିକଙ୍କ ପରିବାରକୁ ଅନ୍ୟୁନ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ଦାବୀ କରିଥିବା ବେଳେ ଓଡ଼ିଶାର କାର୍ଯ୍ୟରତ ସାମ୍ବାଦିକ ସମୂହ ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମାରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରିବା ସହିତ ମୃତକ ପରିବାରକୁ ୪ ଲକ୍ଷ ଟଙ୍କାରୁ ବୃଦ୍ଧିକରି ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା,ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ କରିବା,ସମ୍ବେଦନଶୀଳ ଘଟଣା ଅନୁସନ୍ଧାନ ସମୟରେ ସାମ୍ବାଦିକମାନଙ୍କ କାର୍ଯ୍ୟବଳୀ ନେଇ ଆଦର୍ଶ ମାର୍ଗ ଦର୍ଶିକା କାର୍ଯ୍ୟବଳୀ(ଏସ ଓ ପି) ପ୍ରଣୟନ କରି ପ୍ରଶିକ୍ଷଣ ପ୍ରଦାନ କରିବା ଭଳି ଅନେକ ଦାବୀ ଉପସ୍ଥାପନା କରାଯାଇଥିଲା। ଏହି ସବୁ ଦାବୀ ପତ୍ରଗୁଡିକୁ ଆସନ୍ତା କାଲି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କ ଜରିୟାରେ ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବା ପାଇଁ ଓଜେୟୁ କଳାହାଣ୍ଡି ଶାଖା ପକ୍ଷରୁ ସ୍ଥିରୀକୃତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ, କୋଷାଧ୍ୟକ୍ଷ ଅଭିରାମ ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଦାସ, ସଞ୍ଜୟ ବେହେରା, ଡୋଳାମଣି ସାହୁ,ଶରତ ଚନ୍ଦ୍ର ସାହୁ ଓ ଯୁବ ସାମ୍ବାଦିକ ଯଶୋବନ୍ତ ଧଙ୍ଗଡା ମାଝୀ, ରଜତ ପଟ୍ଟନାୟକ, ମଧୁସୂଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହୀଦ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସାମ୍ବାଦିକ ସମ୍ମିଳନୀ ରେ ଅଂଶଗ୍ରହଣ କରିଥିଲେ।



# ଆଗରପଡ଼ାରେ ବିଧାୟକଙ୍କ ମାରାଥନ ପ୍ରଚାର



**ଭଦ୍ରକ :** ଆଗରପଡ଼ା ୧୪ ନଂ ଜୋନ୍ ଅଞ୍ଚଳର ୯ଗୋଟି ପଞ୍ଚାୟତରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଦଳୀୟ ପ୍ରାର୍ଥୀ ମାନଙ୍କ ସପକ୍ଷରେ ଆଜି ଶୁକ୍ରବାର ପ୍ରଚାର କରିଛନ୍ତି । ବଡ଼ମହିଁଷଗୋଠ, ଅଣିଜୋ, ଚାରିଗାଁ, ଗୋପିନାଥପୁର, ମହାନ୍ତିପଡ଼ା, ବିଟିପୁର, ପୁରୁଷଣ୍ଡ, ଆଡ଼ିଆ ଏବଂ ରାମଚନ୍ଦ୍ରପୁର ପଂଚାୟତରେ ଆୟୋଜିତ ନିର୍ବାଚନୀ ସଭାରେ ପ୍ରଫୁଲ୍ଲ ଯୋଗ ଦେଇ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟ ସଂପର୍କରେ ସୂଚନା ଦେବା ସହ ଦଳୀୟ ପ୍ରାର୍ଥୀ ମାନଙ୍କ ସପକ୍ଷରେ ଭୋଟ ପାଇଁ ନିବେଦନ କରିଥିଲେ । ରାଜ୍ୟ ସଂପାଦକ ବ୍ଲକ ଇଂ ପ୍ରୟାସକାନ୍ତି ସାମଲ,ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା,ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା,ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ବିପିନ ବିହାରୀ ନାୟକ,ବ୍ଲକ ସଭାପତି କମଳାକାନ୍ତ ସାହୁ,ଯୁବ ସଭାପତି ସତ୍ୟ ସାଧନ ବେଜ,ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା,ଶିକ୍ଷାବିତ୍ ସୁଧାଂଶୁ ଶେଖର ନାୟକ,ଜିଲ୍ଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ,ଜିଲ୍ଲା ପରିଷଦ ପ୍ରାର୍ଥିନୀ ରୁନୀତା ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

# ‘ପିତାମାତାଙ୍କ ମୁହଁରେ ହସ ଫୁଟାଇବା ପ୍ରତ୍ୟେକ ସନ୍ତାନଙ୍କ କର୍ତ୍ତବ୍ୟ’



**ତାରପୁର :** ମା’ଙ୍କ ପ୍ରତି ଯେଉଁ ସନ୍ତାନର ଭକ୍ତି ଯେତେ ଅଧିକ ସେ ସନ୍ତାନ ସମାଜରେ ସେତିକି ପ୍ରତିଷ୍ଠା ଲାଭ କରିପାରେ । ମା’ଙ୍କ ଆଶୀର୍ବାଦ ବିନା କୌଣସି ସନ୍ତାନ ସୁଖ, ଶାନ୍ତି, ଆନନ୍ଦରେ ରହିପାରିବେନି ବୋଲି ଖଣ୍ଡପଡା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳୋ ଗ୍ରାମରେ ବରିଷ୍ଠ ସାମ୍ବାଦିକ ତଥା କନକ ନ୍ୟୁଜ୍‌ର ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କର ମା’ ରଙ୍ଗଲତା ମିଶ୍ରଙ୍କର ଦ୍ୱାଦଶାହ ଦିବସ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଉପରୋକ୍ତ ମର୍ମରେ ସ୍ୱର୍ଗତଃ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରତ୍ୟେକ ପୁଅ, ଝିଅ ପିତାମାତାଙ୍କ ପ୍ରତି ସେବା, ଯତ୍ନ ନେଇ ସେମାନଙ୍କ ମୁଖରେ ହସ ଫୁଟାଇବା ଆବଶ୍ୟକ ବୋଲି କହିଥିଲେ । ଏହି ଶୋକସଭାରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲା ବେଳେ ‘ଏକମାତ୍ର’ର ପ୍ରକାଶକ ଲିଙ୍ଗରାଜ ଦାଶ, ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ଜୟପ୍ରକାଶ ଶିକ୍ଷାନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ତେଜାଲିନ୍ ମହାପାତ୍ର, ଓଡ଼ିଶା ମୋ ପରିବାରର ସଦସ୍ୟ ଡକ୍ଟର ସୁରେନ୍ଦ୍ର ମହାପାତ୍ର, ଦିପ୍ତୀରଞ୍ଜନ ମିଶ୍ର, ସାମ୍ବାଦିକ ସୋମନାଥ ପରିଡା, ସାମ୍ବାଦିକ ତପନ କୁମାର ସ୍ୱାଇଁ, ଅଧ୍ୟାପକ ଭଗବାନ ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ଆଚାର୍ଯ୍ୟ, ଶିକ୍ଷକ ପବିତ୍ର କୁମାର ସ୍ୱାଇଁ, ସୁଧୀର କୁମାର ନାୟକ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଧରଣୀଧର ଜେନା, ବିଷ୍ଣୁଚନ୍ଦ୍ର କର, ଶିକ୍ଷୟିତ୍ରୀ ବନ୍ଦନା ନାୟକ ଓ ସମାଜସେବୀ ବିଶ୍ୱନାଥ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ସମନ୍ୱୟ ବୈଠକ



**ଜଗତସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କହିଥିଲେ ଯେ, ଆସନ୍ତା ୧୬ ତାରିଖ ଠାରୁ ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ଆରମ୍ଭ ହେଉଛି । ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ପରିଚାଳନା ନିମନ୍ତେ ମାଜିଷ୍ଟ୍ରେଟ୍ ଓ ପୋଲିସ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି । ରାଜ୍ୟ ନିର୍ବାଚନ କମିଶନ ଜାନୁଆରୀ ୧ ତାରିଖ ଠାରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ କରିଛନ୍ତି । ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ସୁପାରିଚାଳନା ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ତଦାରଖ ନିମନ୍ତେ ଦାୟିତ୍ୱ ପ୍ରଦାନ କରିଛନ୍ତି । ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁଙ୍କୁ ଜଗତସିଂହପୁର ଓ ବିରିଡି ବ୍ଲକ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ କାହ୍ନୁଚରଣ ଧିରଙ୍କୁ କୁଜଙ୍ଗ ଓ ଏରସମା ବ୍ଲକ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳଙ୍କୁ ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ବାଲିକୁଦା ଓ ନାଉଗାଁ ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ସମନ୍ୱୟ ବୈଠକରେ ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ ଯୋଗ ଦେଇ କହିଥିଲେ ଯେ, ପୋଲିସ ଅଧିକାରୀମାନେ ସମସ୍ତ ବୁଥ୍ ପରିଦର୍ଶନ କରିଛନ୍ତି । ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଥାନାଧିକାରୀଙ୍କ ସମନ୍ୱୟରେ ନିର୍ବାଚନ ସଠିକ୍ ପରିଚାଳନା ହେବ । ଚଳିତ ବର୍ଷ ଜିଲ୍ଲାରେ ୧୦୩ଜଣ ଜିଲ୍ଲାପରିଷଦ ସଭ୍ୟ, ୬୫୮ଜଣ ପଞ୍ଚାୟତ ସମିତି ସଭ୍ୟ, ୭୫୧ଜଣ ସରପଞ୍ଚ ଓ ୫୫୭୦ଜଣ ୱାର୍ଡମେମ୍ବର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଏରସମା ବ୍ଲକର ଢିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୨୩ଟି ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ କରାଯାଇନାହିଁ । ଜିଲ୍ଲାରେ ୧୦୦୪ଟି ୱାର୍ଡ ମେମ୍ବର ଓ ୨ଟି ପଞ୍ଚାୟତ ଏରସମା ବ୍ଲକ ଗଡହରିସପୁର, ସମିତିସଭ୍ୟ ଓ ବିରିଡି ବ୍ଲକ ପୁରଣ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ପ୍ରତି ପଞ୍ଚାୟତ ପାଇଁ ଜଣେ ଲେଖାଏଁ ସେକ୍ଟର ଅଫିସର, ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ମୋଟ ୭୫୦ଟି ସମ୍ବେଦନଶୀଳ ଓ ୨୨୯ଟି ଅଣସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି । ଷ୍ଟ୍ରଙ୍ଗରୁମ୍ ଓ କାଉଣ୍ଟିଂରେ ସିସିଟିଭିର ବ୍ୟବସ୍ଥା କରାଯାଇଛି । ନିର୍ବାଚନ ଆରମ୍ଭର ୩୬ଟି ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ ରହିବ । ସେହିପରି ନିର୍ବାଚନ ଆରମ୍ଭ ୪୮ଘଣ୍ଟା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ମଦ ଦୋକାନ ବନ୍ଦ କରାଯିବ । ସମସ୍ତ ବୁଥ୍ ପାଇଁ ଜଣେ ପୋଲିସ ପର୍ସୋନେଲ ନିୟୋଜିତ କରାଯିବ । ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ ଯୋଗ ଦେଇ କହିଥିଲେ ଯେ, ସେକ୍ଟର ଅଫିସରମାନେ ପ୍ରିଜାଇଡିଂ ଅଫିସରମାନଙ୍କୁ ଗାଇଡ୍ କରିବେ । ଜିଲ୍ଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମହାଳି କାର୍ଯ୍ୟସୂଚୀ ଅନୁଯାୟୀ ବିଷଦ ଭାବେ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ କାହ୍ନୁଚରଣ ଧିର, ଚିନ୍ମୟୀ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଜଗତସିଂହପୁର ଉମେଶ କୁମାର ପଣ୍ଡା, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡିଏସ୍‌ପି, ଡିଆଇଜି, ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଥାନାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋର୍ଟ ପରିସର ମହାବୀର ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



**ଭୁବନେଶ୍ୱର :** କୋର୍ଟ ପରିସରରେ ଥିବା ଶ୍ରୀଶ୍ରୀ ମହାବୀର ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ଦୁଃଶାସନ ସାମନ୍ତରାୟ ସସ୍ତ୍ରୀକ କର୍ତ୍ତା ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ମନ୍ଦିର ପୂଜକ କମଳାକାନ୍ତ ହୋତା ଏବଂ ତାଙ୍କର ସହଯୋଗୀ ମାନେ ଅତ୍ୟନ୍ତ ନିଷ୍ଠାର ସହିତ ପୂଜା, ହୋମ, ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ । ପ୍ରାତଃହରୁ କଳସ ଯାତ୍ରା ଆରମ୍ଭ ହୋଇଥିଲା ବେଳେ ଦିବା ୯ଘଟିକା ସମୟରେ ହୋମ, ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏଥିରେ ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଆଇନଜୀବୀ ବିଶ୍ୱମ୍ବର ଦାଶ, ସୁଶାନ୍ତ କୁମାର ଦାସ, ସୁରେନ୍ଦ୍ର ସେଠୀ, ବାସୁଦେବ ଜେନା, ଅକ୍ଷୟ ଦାସ, ଅଭୟ ସିଂ, ସୁରେଶ ସାହୁ, ମାନସ ପଣ୍ଡା, ବିଶିଷ୍ଟ ବାଲି ବ୍ୟବସାୟୀ ଦିଲ୍ଲୁ ମହାନ୍ତି ଓ ଚଗଲା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ଗଦାଧର ଖୁଣ୍ଟିଆଙ୍କ ଲାଇଫ୍ ଲାଇନ୍ ମ୍ୟୁଜିକ୍ ତରଫରୁ ଭଜନ ପରିବେଷଣ କରାଯାଇଥିଲା ।

# ପଞ୍ଚାନନ ଦାଶଙ୍କ ବିୟୋଗରେ ଶୋକ



**ଭୁବନେଶ୍ୱର :** ଆଚାର୍ଯ୍ୟବିହାର ଅଞ୍ଚଳର ବରିଷ୍ଠ ବ୍ୟକ୍ତି ପଞ୍ଚାନନ ଦାଶଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରଦୀପ କୁମାର ଦାଶ, ମୁନୁରାଣୀ ମିଶ୍ର ଏବଂ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିଥିଲେ । ସ୍ୱର୍ଗତଃ ଦାଶଙ୍କୁ ତାଙ୍କ ବାସଭବନରେ ଏହି ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ଆଚାର୍ଯ୍ୟବିହାର ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ଏଠାରେ ଶୋକରଛାୟା ଖେଳିଯାଇଛି ।

# ନିର୍ବାଚନ ମଇଦାନରେ ମାମୁଁ-ଭଣଜା ଲଢେଇ



**ଉଦଳା,(ନିରୁପମା ରଣା) :** ଘୋର୍‌ଇ ସମ୍ପର୍କ ଭଲ ହେଲେ ରାଜନୈତିକ କ୍ଷେତ୍ରରେ ମୁଁହ ଅଲଗା । ସମ୍ପର୍କ କୁ ନେଇ ଏବେ ନିର୍ବାଚନ ରେ ପାର୍ଥି ବେଶ ଚର୍ଚ୍ଚା ହେଉଛି । କିଏ ଜିତିବ ଆଉ କିଏ ହାରିବ ତାକୁ ନେଇ ଚଳିଲାଣି ଅଙ୍କ କଷାଫ ତ୍ରିସ୍ତରୀୟ ନିର୍ବାଚନରେ ନିଜ ନିଜ ସମ୍ପର୍କକୁ ନେଇ କିଛି ସ୍ଥାନ ରେ ନିର୍ବାଚନ ଲଢୁଛନ୍ତି ପାର୍ଥି । ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକର ଏ ହେଉଛି ବଡ଼ଖମଣ ପଞ୍ଚାୟତ । ଏହି ପଞ୍ଚାୟତ ରେ ୧୨ ଗୋଟି ୱାର୍ଡ ଥିବାବେଳେ ୧୧ ଜଣ ସରପଞ୍ଚ ପାର୍ଥି ନିର୍ବାଚନ ଲଢୁଛନ୍ତି । ତେବେ ଏହି ପଞ୍ଚାୟତ ରେ ସରପଞ୍ଚ ପାର୍ଥି ଭାବେ ମାମୁଁ ଓ ଭଣଜା ଙ୍କ ଲଢେଇ ଉପରେ ସମସ୍ତଙ୍କ ନଜର ରହିଛି । ତେବେ ଘୋରେଇ ସମ୍ପର୍କ ଭଲ ଥିବା ବେଳେ ନିର୍ବାଚନ ଲଢେଇ ମଇଦାନ ରେ ରଣନୀତି ଅଲଗା ଅଲଗା ବୋଲି ଉଭୟ ମାମୁଁ ଓ ଭଣଜା କହିଛନ୍ତି ।

ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତ ର ଝରଣା ସାହି ଗ୍ରାମର ସରପଞ୍ଚ ପାର୍ଥି ଲାଲମୋହନ ହେମ୍ବ୍ରମ । ଲାଲମୋହନ ଶିକ୍ଷକ ଥିଲେ । ତେବେ ଚାକିରୀରୁ ଅବସର ପରେ ସରପଞ୍ଚ ପାର୍ଥି ହୋଇଛନ୍ତି ! ତେବେ ସବୁଠୁ ବଡ କଥା ହେଲା ସେ ତାଙ୍କ ନିଜର ଭଣଜାଙ୍କ ବିରୁଦ୍ଧରେରେ ନିର୍ବାଚନ ଲଢୁଛନ୍ତି । ତେବେ ରାଜନୀତି ଅଲଗା ପ୍ରସଙ୍ଗ କିନ୍ତୁ ଭଣଜା ସହିତ ପାରିବାରିକ ସମ୍ପର୍କ ଠିକ୍ ଅଛି ବୋଲି କହିଛନ୍ତି ମାମୁଁ ଲାଲମୋହନ । ତେବେ ଲାଲମୋହନଙ୍କ ଝୁଡ଼ି ଚିହ୍ନ ହୋଇଥିବା ବେଳେ ଝୁଡ଼ି ଧରି ଅଭିନବ ଭବେ ପ୍ରଚାର କରୁଛନ୍ତି ।

ଆଉ ଏ ହେଉଛନ୍ତି ମାମୁଁ ବିପକ୍ଷ ରେ ନିର୍ବାଚନ ରେ ଲଢୁଥିବା ଭଣଜା ଠୁମ୍ପୁ ମୁର୍ମୁ । ତେବେ ଭଣଜା ଠୁମ୍ପୁ ନିଜ ନିଜ ସମର୍ଥକ ମାନଙ୍କୁ ନେଇ ପ୍ରଚାର କରୁଛନ୍ତି । ପୂର୍ବରୁ ସେ ସମିତି ସଭ୍ୟ ଭାବେ ରହିଥିବା ବେଳେ ନିର୍ବାଚନ ରେ ବିଜୟ ହେବେ ବୋଲି କହିଥିବା ବେଳେ ମାମୁଁ ଙ୍କ ସହ କଡ଼ା ମୁକାବିଲା ହେବ ବୋଲି କହିଛନ୍ତି । ତେବେ ଯିଏ ଲୋକଙ୍କ ସମସ୍ୟା ଓ ସୁଖ ଦୁଃଖ ର ସାଥୀ ହୋଇ ପାରିବ ସେଭଳି ପାର୍ଥି ଙ୍କୁ ଭୋଟ ଦେବେ ବୋଲି କହିଛନ୍ତି ଭୋଟର ।

# ଏଏସ୍‌ଆଇ ପ୍ରଭାସ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ଦୀର୍ଘ ୮ବର୍ଷ ଧରି ବଡଗଡ ଥାନାରେ କାର୍ଯ୍ୟରତ ଥିବା ଏଏସ୍‌ଆଇ ପ୍ରଭାସ ଚନ୍ଦ୍ର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ବିଶ୍ୱାଳ ଏହି ଥାନାରେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ । ଜଣେ ଦକ୍ଷ ପୋଲିସ ଅଫିସର ଭାବେ ସେ ଯେପରି ପରିଚିତ ଥିଲେ ସେହିପରି ସ୍ଥାନୀୟ ଲୋକଙ୍କ ସହିତ ସୁସମ୍ପର୍କ ରଖି ଆଇନ ଶୃଙ୍ଖଳା ରକ୍ଷା କରିବାରେ ମଧ୍ୟ ସଫଳ ହୋଇଥିଲେ । ବଡଗଡ଼ ଥାନା ପରିସରରେ ଶ୍ରୀ ବିଶ୍ୱାଳଙ୍କ ପାଇଁ ଆୟୋଜିତ ବିଦାୟକାଳୀନ ସଭାରେ ଏସିପି ରଜତ ରାୟ ଏବଂ ବଡଗଡ଼ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଥାନାର ଅଫିସର ସୁବ୍ରତ ଦାସ, ସଞ୍ଜିତ କୁମାର ବେହେରା, ସରିତା ଶତପଥୀ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅଭିନାଶ ପଟ୍ଟନାୟକ, ଏବଂ ସମାଜସେବୀ ଅନୁ ସିଂ ଉପସ୍ଥିତ ରହି ଏଏସ୍‌ଆଇ ଶ୍ରୀ ବିଶ୍ୱାଳଙ୍କ କାର୍ଯ୍ୟକାଳ ସ୍ମରଣ କରି ତାଙ୍କୁ ପ୍ରଶଂସା କରିଥିଲେ । ଉଲ୍ଲେଖଯୋଗ୍ୟ, ଶ୍ରୀ ବିଶ୍ୱାଳ ଜଗତସିଂହପୁର ଜିଲ୍ଲା ପୋକପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।






# ସୁପ୍ରିମ୍‌କୋର୍ଟରେ ହିଜାବ୍ ବିବାଦ : ଜରୁରୀ ଶୁଣାଣିକୁ ନା’



**ନୂଆଦିଲ୍ଲୀ :** ହିଜାବ୍ ବିବାଦରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଚାଲେଞ୍ଜ୍ କରି ସୁପ୍ରିମ୍ କୋର୍ଟରେ ଦାଏର କରାଯାଇଥିବା ପିଟିସନ୍‌ର ଜରୁରୀକାଳୀନ ଶୁଣାଣି ପାଇଁ ସୁପ୍ରିମ୍ କୋର୍ଟ ମନା କରିଦେଇଛନ୍ତି । ମଧ୍ୟବର୍ତ୍ତୀକାଳୀନ ରାୟରେ କର୍ଣ୍ଣାଟକ ହାଇକୋର୍ଟ ଛାତ୍ରଛାତ୍ରୀମାନଙ୍କୁ ଧାର୍ମିକ ପୋଷାକ ପିନ୍ଧି କଲେଜ ଆସିବାକୁ ବାରଣ କରିଥିଲେ । ସଂକ୍ରାନ୍ତରେ ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଆମେ ମଧ୍ୟ ପରିସ୍ଥିତି ଉପରେ ଦୃଷ୍ଟି ରଖିଛୁ । ରାଜ୍ୟରେ କ’ଣ ହେଉଛି ଏବଂ କ’ଣ ରାୟ ଦିଆଯାଇଛି ଆମେ ଜାଣୁ । ଏହି ମାମଲାକୁ ଜାତୀୟସ୍ତରକୁ ଆଣିବା ଠିକ୍ କି, ନୁହେଁ, ତାହା ମଧ୍ୟ ଆପଣମାନେ ବିବେଚନା କରିବା କଥା । ଆମେ ସମସ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା । ମାମଲାର ପ୍ରାସଙ୍ଗିକତା ଭିତରକୁ ଯାଆନ୍ତୁ ନାହିଁ । ସମୟ ଆସିଲେ ଆମେ ମାମଲାର ଶୁଣାଣି କରିବୁ । ସଲିସିଟର୍ ଜେନେରାଲ୍ ତୁଷାର ମେହେଟା କହିଛନ୍ତି, କର୍ଣ୍ଣାଟକ ହାଇକୋର୍ଟ ରାୟ ଦେଇ ନ ଥିଲା ବେଳେ ମାମଲାକୁ କେମିତି ସୁପ୍ରିମ୍ କୋର୍ଟରେ ଚାଲେଞ୍ଜ୍ କରାଯାଇ ପାରିବ ? ମାମଲାର ରାଜନୀତିକରଣ କରନ୍ତୁ ନାହିଁ । ହାଇକୋର୍ଟ ମାମଲାର ନିଷ୍ପତ୍ତି ନିଅନ୍ତୁ । ଜଣେ ସାମାଜିକକର୍ମୀ ଭାବେ ହିଜାବ୍ ସଂକ୍ରାନ୍ତରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରିଥିବା ଅନ୍ୟତମ ଆବେଦନକାରୀ ଅରିଫ୍ ଜମୀଲ୍ ଆଜି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପିଟିସନ୍‌ରେ ସେ ଲେଖିଛନ୍ତି, ଫେବ୍ରୁଆରି ୧୫ରୁ ‘ପ୍ରାକ୍ଟିକାଲ୍’ ପରୀକ୍ଷା ଆରମ୍ଭ ହେବ । ମୁସଲ୍‌ମାନ ଝିଅମାନଙ୍କୁ ହିଜାବ୍ ପିନ୍ଧିବା ଅଧିକାରରୁ ବଞ୍ଚିତ କରିବାଦ୍ୱାରା ସେମାନଙ୍କ ଶିକ୍ଷାରେ ବାଧା ସୃଷ୍ଟି କରିବ । ତେଣୁ, କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶ ଉପରେ ସୁପ୍ରିମ୍ କୋର୍ଟ ରହିତାଦେଶ ଜାରି କରିବା ସହ ହିଜାବ୍ ମାମଲାରେ ସାମୟିକ ଆଶ୍ୱସ୍ତି ଦିଅନ୍ତୁ । ଏହାଛଡ଼ା, କର୍ଣ୍ଣାଟକ ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶ ଉପରେ ପ୍ରତିକ୍ରିୟା ବ୍ୟକ୍ତ କରି ‘ଦି କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ’ (ସିଏଫ୍‌ଆଇ) ଦେଇଥିବା ବିବୃତିରେ କହିଛି, ଶିକ୍ଷା ପ୍ରତିଷ୍ଠାନରେ ସରକାରଙ୍କ ବାଧ୍ୟତାମୂଳକ ‘ଡ୍ରେସ୍‌କୋଡ୍’ ଉପରେ ହାଇକୋର୍ଟଙ୍କ ରାୟ ନୈରାଶ୍ୟଜନକ । ହିଜାବ୍ ମୁସଲମାନମାନଙ୍କର ଧାର୍ମିକ ଅଧିକାର । ହିଜାବ୍ ସହ ଗୈରିକ ଉତ୍ତରୀକୁ ତୁଳନା କରାଯାଇ ପାରିବ ନାହିଁ । ‘ଏବିଭିପି’ ଏବଂ ‘ବିଜେପି’ଦ୍ୱାରା ପ୍ରଭାବିତ ହୋଇ ଛାତ୍ରମାନେ ଗୈରିକ ଉତ୍ତରୀ ପକାଇ କଲେଜ ଆସୁଛନ୍ତି ବୋଲି ‘ସିଏଫ୍‌ଆଇ’ କର୍ଣ୍ଣାଟକର ସଭାପତି ଆତାଉଲ୍ଲା ପୁଞ୍ଜାଲକାଟ୍ଟେ କହିଛନ୍ତି ।







Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**